AMARISATYA
Estd.: 2006
ODISHA

ମାସିକ ଇ-ପତ୍ରିକା

# ଆମ କବିତା

❖ ଦ୍ୱିତୀୟ ବର୍ଷ

❖ ସପ୍ତମ ସଂଖ୍ୟା

❖ ଜୁଲାଇ ୨୦୨୩



# ଆମ କବିତା

ଦ୍ୱିତୀୟ ବର୍ଷ ❖ ସପ୍ତମ ସଂଖ୍ୟା ❖ ଜୁଲାଇ ୨୦୨୩


**ମାର୍ଗଦର୍ଶକ**

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

**ସମ୍ପାଦକ**

**ନିଶିକାନ୍ତ କହଲସିଂହ**

**ଉପଦେଷ୍ଟା ମଣ୍ଡଳୀ**

ସମରଜିତ ପଟ୍ଟନାୟକ

ବାବାଜୀ ଜେନା

ବିଭୁପ୍ରସାଦ ହରିଚନ୍ଦନ

ଡ. ରଶ୍ମୀରଞ୍ଜନ ନାଥ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଈ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

ପ୍ରୀତମ ବଳିୟାରସିଂହ



ଆମରି ସତ୍ୟ

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା

ଯୋଗାଯୋଗ : ୯୪୩୭୨୮୧୬୫୫, **email : amarisatya@gmail.com**

# ସମ୍ପାଦକୀୟ




ବର୍ଷା........!
ଭାବିଥିଲି ସଅଳ ଆସିବ ଏ ବର୍ଷ ,
ଖାଲି ମୁଁ କାହିଁକି.........
ନିଦାଘ ସଂତାପିତ ଧରଣୀର ପ୍ରତିଟି ପ୍ରାଣ.......
କୀଟ ଠାରୁ ବ୍ରହ୍ମ.............
ସମସ୍ତେ ଭାବିଥିଲେ.......ଆଉ.......
ନିଜକୁ ସଜାଇଥିଲେ ଚାତକ......... ।

କିନ୍ତୁ........ତମେ..........
ଏଇ ଆସୁଛ ଆସୁଛ ବୋଲି
ଏତେ ଡେରି କରିଦେଲ ଯେ.......
ନା ଅଛି ଓଦା ମାଟିର ବିଭୋର ବାସ୍ନା........
ନା ଅଛି ଗାଁ ଗୋହିରୀରେ ଝର........
ନା ଅଛି କାଦୁଅ ପଙ୍କରେ ଲୋଟିଯାଉଥିବା
ନିଷ୍ପାପ କଅଁଳ ମନର ମତୁଆଲାପଣ........,
କାଗଜ ଡଙ୍ଗା........ସାଧବବୋହୂ.........
ଏ ସବୁ ତ କାହିଁ କେଉଁ ଦିନରୁ
ପାଲଟିଗଲେଣି ସ୍ୱପ୍ନ............ ।

ଏତେ ଡେରିରେ ଆସିଲ ଯେ
ମାଟି ମନରେ ସରାଗ ନାହିଁ .....
ନାହିଁ ବି ଚାଷୀ ମନରେ......
ମାଟିର ଆଖିରେ ସତେ ଯେମିତି
ଚାଷୀର ସ୍ୱପ୍ନ ସବୁ କବର ନେଇଛି........
ବିଲ ଫାଟି ଆଁ.......
ନଈରେ ନଈଏ ବାଲି........
ବେଙ୍ଗ ବେଙ୍ଗୁଲୀଙ୍କ କେଁ କଟର.......
ସାରା ଆଷାଢ଼ରେ ଶୁଭିଲାନି........
ଶୁଭିଲାନି......ଅଧା ଶ୍ରାବଣରେ ବି .......,
ଶ୍ରାବଣ ଲାଗୁନି ଶ୍ରାବଣ ପରି........
ଖାଲି ରାସ୍ତାରେ କେତେଜଣ
କାଉଡ଼ିଆଙ୍କୁ ଦେଖିଲେ ଲାଗୁଛି........
ବୋଧହୁଏ ଶ୍ରାବଣ ଚାଲିଛି........... ।

ସତେ କ'ଣ ଏମିତି ସମୟ ଆସିବ.....
ପୁଣି ଠିକଣା ବେଳରେ-
ବିଲରେ ଶୁଭିବ...........
ଗର୍ଭଣୀର ଗର୍ଭ ଯନ୍ତ୍ରଣା..........,
ମେଘ ପୁଣି ମାଟିର ସିଲଟରେ ଲେଖି ବସିବ
ଫସଲ ଫଳାର ଅପଢ଼ା ପାଠ.........
ଚାରିମେଘ ଷୋଳଧାରରେ
ଝରିପଡ଼ିବେ ମାଟିର ଛାତିରେ.........??



| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ଶ୍ରାବଣ ହେ, ତୁମେ ଆସ ନାହିଁ ଆଉ | ସୁରଞ୍ଜନ ପାତ୍ର | ୬ |
| ୨. | ସ୍ମୃତିର ଶ୍ରାବଣ | ପୂର୍ଣ୍ଣ ଦାସ | ୭ |
| ୩. | ଝପର ଝାଇଁ ଝପର ଝାଇଁ | ସତ୍ୟବାଦୀ ରାଉତ | ୮ |
| ୪. | ପ୍ରିୟା ମୋର ବର୍ଷର ଝର | ହରିବନ୍ଧୁ ମଙ୍ଗରାଜ | ୯ |
| ୫ | ବର୍ଷା ବିରହ | ରମେଶ ମଙ୍ଗରାଜ | ୧୦ |
| ୬. | ଶ୍ରାବଣ ଆସିଛି ସଖୀ | କମଳିନୀ ମଲ୍ଲିକ | ୧୧ |
| ୭. | ଆସିବ କି ବର୍ଷା ତୁମେ ! | ଡା. ବିଧୂତ୍ ଶେଖର ମିଶ୍ର | ୧୨ |
| ୮. | ବର୍ଷା କାଳରେ | ପୁଷ୍ପାଞ୍ଜଳି ପଣ୍ଡା | ୧୩ |
| ୯. | ବର୍ଷା... | ଜୟନ୍ତୀ ସ୍ୱାଇଁ | ୧୪ |
| ୧୦. | କାଳିଆ ଦର୍ଶନ | ଦିବାକର ନାୟକ | ୧୫ |
| ୧୧. | ବର୍ଷା... | ଅଞ୍ଜଳି ଦାସ | ୧୬ |
| ୧୨. | ବର୍ଷାର ଜଳସ୍ନାନ | ଜୟଶ୍ରୀ ପଟ୍ଟନାୟକ | ୧୭ |
| ୧୩. | ବର୍ଷା ଚିଠି | ସୁମିତା ବେହେରା ବାପି | ୧୮ |
| ୧୪. | ଚାଷୀପୁଅ | ପ୍ରଜ୍ଞା ମହାନ୍ତି | ୧୯ |
| ୧୫. | ବର୍ଷା... | ସବିତା ମହାପାତ୍ର | ୨୦ |
| ୧୬. | ହେ ବରଷା... | ସୁନୀଲ ନାୟକ | ୨୧ |
| ୧୭. | ଲହୁ ମୁହାଣରେ ବର୍ଷା | ଛବିରାଣୀ ପତି | ୨୨ |
| ୧୮. | ବର୍ଷା | ସୌଦାମିନୀ ସାହୁ | ୨୩ |
| ୧୯. | ବର୍ଷା | ସୁହଂସ ଭୋଇ | ୨୪ |
| ୨୦. | ଆଷାଢ଼ ହସୁଛି ବରଷା ଆସିଛି | ନିରୁପମା ପାଣି | ୨୫ |
| ୨୧. | ବର୍ଷା... | ସୁକାନ୍ତି ମିଶ୍ର | ୨୬ |
| ୨୨. | ବର୍ଷା | ଜ୍ୟୋତି ପ୍ରଭା ପଟ୍ଟନାୟକ | ୨୭ |
| ୨୩. | ବର୍ଷା | ପଙ୍କଜିନୀ ଉପାଧ୍ୟାୟ | ୨୮ |
| ୨୪. | ବର୍ଷାରେ କହିଦେ ମୋତେ | ଡ. ଚପଳା ପଣ୍ଡା | ୨୯ |
| ୨୫. | ଛପିଛପି ବର୍ଷା ଆସେ | ବାବାଜୀ ଚରଣ ଜେନା | ୩୦ |
| ୨୬. | ବର୍ଷା କାହାଣୀ | ଆଶୁତୋଷ ମେହେର | ୩୧ |
| ୨୭. | ଅଭିମାନି ଶ୍ରାବଣୀ | କଳ୍ପନା ମିଶ୍ର | ୩୨ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୮. | ଚା କପ୍ ଓ ବର୍ଷା | ଅମୀୟ କୁମାର ସାହୁ | ୩୩ |
| ୨୯. | ବର୍ଷା | ବୈଶାଳୀ ସାହୁ | ୩୪ |
| ୩୦. | ମୌସୁମୀ ଗୋ | ପୂର୍ଣ୍ଣିମା ପଣ୍ଡା | ୩୫ |
| ୩୧. | ଶ୍ରାବଣୀ ମୌସୁମୀ | ଆରତି ମଞ୍ଜରୀ ଦାଶ | ୩୬ |
| ୩୨. | ମାନସୀ କନ୍ୟା ମୌସୁମୀ | ବୀଣାପାଣି ଦେବୀ | ୩୭ |
| ୩୩. | ବର୍ଷା | ସୂର୍ଯ୍ୟକାନ୍ତି ଦାଶ | ୩୮ |
| ୩୪. | ଶ୍ରାବଣୀ | ମନୋରମା ମହାନ୍ତି (ପଢ଼ିଆରୀ) | ୩୯ |
| ୩୫. | ବର୍ଷା ତୁମେ ହୁଅନ୍ତ କି ମୋ' ପ୍ରିୟତମା | ଶକ୍ତି ଦାସ | ୪୦ |
| ୩୬. | ବର୍ଷା ରାଣୀ | ବେଣୁଧର ସୂତାର | ୪୧ |
| ୩୭. | ତୁମେ ଆସିଲ ବୋଲି | ଅଖିଳେଶ ମହାପାତ୍ର | ୪୨ |
| ୩୮. | କଳାମେଘୀ ପାଟ ପିନ୍ଧି ମେଘଟେ ... | ତାରାପ୍ରସାଦ ଜେନା | ୪୩ |
| ୩୯. | ବର୍ଷା | ରତ୍ନପ୍ରଭା ବାଇ | ୪୪ |
| ୪୦. | ବରଷା ପଡ଼ଇ | ଆରାଧନା ଦାଶ | ୪୫ |
| ୪୧. | ବର୍ଷା ଭାବନା | ବିଭୁପ୍ରସାଦ ମହାପାତ୍ର | ୪୬ |
| ୪୨. | ବରଷା ଗୋ ! | ରୀନାରାଣୀ ମହାନ୍ତି | ୪୭ |
| ୪୩. | ବର୍ଷା ପରି ତମେ | ହାସ୍ୟମୟୀ ରାଜ୍ | ୪୮ |
| ୪୪. | ବର୍ଷା | ସତ୍ୟନାରାୟଣ ମଲ୍ଲିକ | ୪୯ |
| ୪୫. | ବର୍ଷା | ଶୁଭଶ୍ରୀ ରାଉତ | ୫୦ |
| ୪୬. | ଶ୍ରାବଣେ ଭିଜୁନି ଭୂଇଁ | ବାସନ୍ତୀ ଦେଇ | ୫୧ |
| ୪୭. | ଶ୍ରାବଣର ଅନ୍ତଃସ୍ୱର | ଯମେଶ୍ୱର କହଲସିଂହ | ୫୨ |
| ୪୮. | ଦି'ପଦ ବର୍ଷା କବିତା | ନିଶିକାନ୍ତ କହଲସିଂହ | ୫୩ |
| ୪୯. | ପହିଲି ବର୍ଷାର କୋମଳ ସ୍ପର୍ଶ | ତ୍ରିଲୋଚନ ଦାସ | ୫୪ |
| ୫୦. | ବର୍ଷା କାଳ | କୈଳାସ ଚନ୍ଦ୍ର ପାଢ଼ୀ | ୫୫ |
| ୫୧. | ବର୍ଷା | ଶଶିଭୂଷଣ ରଥ | ୫୬ |
| ୫୨. | ଆ'ରେ ବରଷା ଦେ'ରେ ପାଣି | ବନ୍ଦନା ମହାପାତ୍ର | ୫୭ |
| ୫୩. | ବରଷା ରାଣୀ | ସଞ୍ଜୁକ୍ତା ଚମ୍ପତିରାୟ | ୫୮ |
| ୫୪. | ବର୍ଷା ଝରୁଛି | ବିଶ୍ୱନାଥ କର | ୫୯ |

# ଶ୍ରାବଣ ହେ, ତୁମେ ଆସ ନାହିଁ ଆଉ



ସୁରଞ୍ଜନ ପାତ୍ର

ଶ୍ରାବଣ ହେ ତୁମେ ଆସ ନାହିଁ ଆଉ
ମୋ' ମନ ଇଲାକା ଛୁଇଁ
ନୀରବେ ଜଳୁଛି ସବୁଜ ବନାନୀ
ସ୍ମୃତିର ଅଳକା ନେଇ ।।

ନିଜ ସହ ନିଜେ ଛଳନା ଯେ କରି
କେମିତି ଜିଇବି କୁହ
ସ୍ୱପ୍ନ ମୋହର ଫାଶୀ ପାଏ ନିତି
ଆଖିରୁ ଝରଇ ଲୁହ।

ଛାଇ ଆଲୁଅର ଖେଳ ଖେଳିଖେଳି
ଅବଶ ଗଲିଣି ହୋଇ
ଶ୍ରାବଣ ହେ ତୁମେ ଆସ ନାହିଁ ଆଉ
ମୋ' ମନ ଇଲାକା ଛୁଇଁ।।

କେତେବାର କୁହ ମିଛ ଅବିରକୁ
ମାଖିବି ଆପଣା ମୁହେଁ
ବେଦନା ଜହର ଆଉ କେତେ ବାର
ଭରିବି ଯେ ମୋ'ର ଦେହେ।

ଏ ପୋଡ଼ା ଜୀବନେ ମଉସୁମୀ ସୁଖ
ଆଉ କି ପାଇବି ମୁହିଁ
ଶ୍ରାବଣ ହେ ତୁମେ ଆସ ନାହିଁ ଆଉ
ମୋ' ମନ ଇଲାକା ଛୁଇଁ।।

ସଂପାଦକ, ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର



# ସ୍ମୃତିର ଶ୍ରାବଣ

**ପୂର୍ଣ୍ଣ ଦାସ**

ବରଷା ବଜାଏ ପାଉଁଜି ନୂପୁର
ଭିଜାଏ ଅଳତା ଗାର,
ଫୁଲ ପାଖୁଡ଼ାର ଭରେ ନିଆଁଝୁଲ
ଓଠଧାରେ ହସଝର।

ବର୍ଷା ଆସିଲେ ଛତା ନାହିଁ ବୋଲି
ତୁ' ସିନା କରୁଛୁ ଭୟ,
ଲୁହବର୍ଷାରେ ନିତି ଭିଜେ ଯିଏ
ଦେଖିଚୁ କି ତା'ର ମୁହଁ !

ତୁ' ଫୁଲେଇ କି ଜହ୍ନ ଡହରା ଲୋ
ପଡ଼ିଚି ରାଜଜୋଟକ,
ଘୋର ଅନ୍ଧାରକୁ, ବାଟ ତୋ' ଘରକୁ
ଦେଖାଏ ଜୁଳିଆପୋକ।

ଝରକା ସେପାଖେ ବରଷିଲେ ମେଘ
ଅନ୍ଧାରେ ଭିଜେ ମୋ' ମନ,
ଜଳେ ଅଭିମାନେ ସ୍ମୃତିର ନିଆଁରେ
ଓଦା ଏଇ ଦେହମନ।

ବାଡୁଅ ପାଣିରେ ଡମ ଗାଁ ଜହ୍ନ
ଶ୍ରାବଣେ ପଖାଳେ ଦେହ,
ମୋ' ଝରକା ଫାଙ୍କେ, ତା' ଆଖିରେ ଦେଖେ
ଫୁଲ ଫଗୁଣର ମୋହ ।

କଣ୍ଠାବଣିଆ, ଛତ୍ରପଡ଼ା,
ପ୍ରୀତିପୁର,ଯାଜପୁର

# ଝପର ଝାଇଁ ଝପର ଝାଇଁ

**ସତ୍ୟବାଦୀ ରାଉତ**



ଝପର ଝାଇଁ ଝପର ଝାଇଁ
ଏବଂ.... ଝପର ଝପର ଝପର ଝା...
ବର୍ଷାର ବିରାମହୀନ କୀର୍ତ୍ତନ ନାଦ
ମନ୍ଦିର ପ୍ରାଙ୍ଗଣରେ, ଦେଉଳ
ବେଢ଼ାରେ
ମେଘନାଦ ପାଚେରୀ ସେପାଖେ
ବର୍ଷା ନାଚୁଛି
କଥକ ଭଙ୍ଗୀରେ ଓଡିଶୀ ଢଙ୍ଗରେ
ଝପର ଝପର ଝପର ଝା ।।

ବର୍ଷାରେ କେ' ବେଘର କେ'
ବେହାଲ
କିଏ ବା ବିସ୍ଥାପିତ
ତଥାପି ଏ ବର୍ଷାରେ ରୋମାଂଚ
ସବୁଜ ଘାସ ଉପରେ
ସାଧବ ବୋହୂର ନାଲିପାଟ
ଇଏ ଆମ ଗାଁ ମାନଚିତ୍ର
ଝପର ଝପର ଝା- ଝପର
ମୌସୁମୀ ଛୁଇଁଛି କଦମ୍ବ ଡାହି
ଡୁବି ଗାଡିଆରେ ନାଲିଆ କଇଁ
ସାରୁଗଛ ମୂଳେ ବେଙ୍ଗୁଲୀ ରାଣୀ
ଝପର ଝାଇଁ ଝପର ଝାଇଁ
ଆମ ଗାଁ ତତଲା ମାଟି
ଆକାଶକୁ ମାଗିଥିଲା ମେଘ
ଚମ୍ପା ଫୁଟିଲାଣି ଚଷା ଗାଉଛି ଚମ୍ପୁ
ଚମ୍ପି ଅପା ହସୁଛି...
ମଲ୍ଲୀ ଫୁଲରେ ଗଭା ସଜାଡୁଛି
ଝପର ଝାଇଁ ଝପର ଝାଇଁ ।।

ବର୍ଷା ନଈକୁ ଦେଲା ଯୌବନ
ପତ୍ରକୁ ଜୀବନ
ଚଷା ଆଖିକୁ ସପନ
ଝପର ଝପର ଝପର ଝାଇଁ ।।

××××××××

ଢଂସର, ବାଙ୍କୀ, କଟକ



# ପ୍ରିୟା ମୋର ବର୍ଷର ଝର

**ହରିବନ୍ଧୁ ମଙ୍ଗରାଜ**

ବର୍ଷା ଗୋ ତୁମେ ଶ୍ରାବଣୀ ରାତିର
ନିଝୁମ ନୂପୁର ତାଳ
ପାଦର ପାଉଁଜି ଶବଦରେ ହଜି
ସ୍ୱର ଟୁପୁ ଟାପ ଜଳ...............,..

ଖୋଲା ଆକାଶରେ କାଦମ୍ବିନୀ ସାଜି
ଚଲା ବଉଦର ଘନ
ତୁମେ ମୋ' ପ୍ରିୟାର ଦୂତୀବାହକ
ସନ୍ଦେହୀ ଚଗଲି ମନ
ଅସରନ୍ତି ଆଶା ଭାବ ଆକାଶରେ
ବିରହ ବିଚ୍ଛେଦ ସ୍ୱର
ବର୍ଷା ଗୋ ତୁମେ.......................

ନିଦାଘ ଦେହରେ ସୀକର ପରଶ
ତୁମେ ସୁଶୀତଳ ବାରି
ଭିଜି ଭିଜାଇଲ ଶୋଷିଲା ମାଟିକି
ବରଷି ଅମୃତ ସରି
ତୁମେ ମୋ'ର ତୃଷ୍ଣା ପୀରତି ପୀୟୂଷ
ପ୍ରିୟା ମୋ' ବରଷା ଝର
ବର୍ଷା ଗୋ ତୁମେ.........................

ଶାସ୍ତ୍ରୀ ନଗର,
ଭୁବନେଶ୍ୱର

# ବର୍ଷା ବିରହ

## ରମେଶ ମଙ୍ଗରାଜ



ଆଷାଢ଼ ଆଣିଲା ମୌସୁମୀ ବରଷା
ଶ୍ରାବଣ ଭିଜାଇ ଦେଲା
ଉଦାସୀ ମନଟା ଓଦା ସୁଡ୍ରୁବୁଡ୍ରୁ
ଚତୁରୁମାସିଆ ହେଲା.   (୦)
ଫୁଲେଇ ନଈଟା କୂଳ ଲଙ୍ଘିଲାଣି
କଦମ୍ବ ଗାଉଛି ଗୀତ
ବରଷା ସାଥିରେ ସାଥୀ ହେବା ପାଇଁ
ପାଖରେ ନାହିଁ ମୋ' ମିତ
କେଉଁ ଭୁଲ ପାଇଁ ଦୂରେଇ ଯାଇଛି
କିଏ ବା କିମିଆଁ କଲା...
ଉଦାସୀ ମନଟା.....
ଗଲା ବରଷାରେ ଭିଜିଥିଲେ ଦୁହେଁ
ବରଷ ପୂରିଲା ଏବେ
ତମେ ନାହଁ ବୋଲି ଏସନ ବରଷା
ଭାରି ନିଛାଟିଆ ଲାଗେ
କହି ହେଉନାହିଁ ସହି ହେଉନାହିଁ
ଭାଗ୍ୟରେ ଏଇଆ ଥିଲା....
ଉଦାସୀ ମନଟା...

କବି ଓ କବିତା ଭବନ,
ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା

# ଶ୍ରାବଣ ଆସିଛି ସଖୀ

କମଳିନୀ ମଲ୍ଲିକ

ଶ୍ରାବଣ ଆସିଛି ସଖୀ
ତୋ' ଗାଆଁକୁ
ମୋ' ସହରକୁ
ଭିଜେଇ ଦେବାର ନିଶାରେ
ସବୁଜେଇ ଦେବାର ସ୍ୱପ୍ନରେ
ଝରୁଛି ଅବିଶ୍ରାନ୍ତ
ତୋ' ଖୋଲା ଅଗଣାରେ
ମୋ' ବନ୍ଦ ଝରକା ସେପାଖରେ।।

ମୋ' ସହର ଆକାଶରେ ବି
ଭେଳାଭେଳା ଭସା ବଉଦ
ବିଜୁଳି ଘଡ଼ଘଡ଼ିର ଶବ୍ଦ
ଉତ୍ତରା ପବନର ଉଚ୍ଛାଟିତ ବେଗ
ହେଲେ ମୁଁ କେବେଠୁ ଭୁଲି ଯାଇଛି
ସେଇ ବର୍ଷା ବତୁରା ଆବେଗ।।

ଓଳି ତଳ ପାଣିର ଧାରେ ସୁଅରେ
ଯେବେ ଭାସି ଯାଉଥିଲା
ଆମ କାଗଜ ଡଙ୍ଗା
କେଉଁ ଅଜଣା ପାରାବାର ଠିକଣାରେ
ଦାଣ୍ଡଘରେ କଉଡ଼ି ଖେଳର ଆନନ୍ଦ
ପାଦରୁ ଲିଭି ଯାଉଥିବା
ସରୁସରୁ ଅଳତାର ଦାଗ
ମେଘୁଆ ରାତିର ନିସ୍ତବ୍ଧତାରେ
ଝିଙ୍କାରୀର ଝିଁ ଝିଁ ନାଦ
ଗାଡ଼ିଆ କୂଳ ପାଣି ଚବଚବ
ନଈବନ୍ଧର ଉତ୍ତଳା ପବନରେ
ଶୀତେଇ ଯାଉଥିବା ଦେହରୁ
ଉଡି ଯାଉଥିବା କାନିକୁ
ସମ୍ଭାଳି ଧରିବାର ବିକଳ ପଣ
କଅଁଳ ଘାସ ଉପରେ
ସାଧବ ବୋହୂର
ମଖମଲି ଦେହ ଛୁଉଁଛୁଉଁ
ଛାତି ତଳ ଶିହରୀ ଉଠେ
କାଳେ ମୂଲ କରି ନେବ
କେଉଁ ପ୍ରେମର ସୌଦାଗର।।

ଶ୍ରାବଣ ଆସିଛି ସଖୀ
ତୋ' ତେଲଲୁଣ ସଂସାରର
ଓଦା ମାଟିକାନ୍ଥ ମହକରେ
ତୋ' ପିଢ଼ାରେ ଲଟେଇ ଥିବା
ନହକା ଡଙ୍କର
ବିଶ୍ୱାସର ଫଳନ୍ତି ଇଛାରେ
ତୋ' ଚୁଲିମୁଣ୍ଡର
ନରମ ଉଷୁମ ସ୍ପର୍ଶରେ
ଆଉ ତୁ' ଜୁଡ଼ୁବୁଡ଼ୁ ହେଉଥିବୁ
ଫି ବର୍ଷ ଏଇ ଓଦାଓଦା ପାଗରେ
ତୋ' ପାଣିଚୁଡ଼ିର
ଝଣଝଣ ଚାପା ଶବ୍ଦରେ
ବୈଶାଖ ଜ୍ୟେଷ୍ଠର
ସବୁ ଉତ୍ତାପକୁ ଧୋଇ
ମୁଁ ତ ଏମିତି ଜଳୁଥିବି
ତୋ'ର ମୋ'ର ମିଶି
ଭିଜିବାର ସେଇ ଦିନକୁ ହଜେଇ।।

ଭୁବନେଶ୍ୱର



# ଆସିବ କି ବର୍ଷା ତୁମେ !

ଡା. ବିଧୂତ୍ ଶେଖର ମିଶ୍ର

ଆସିବ ଆସିବ 'ବର୍ଷା' ମୋ'ଆସିବ
ଚାତକ ପ୍ରାୟ ଚାହିଁଛି
ହସିବ,ରସିବ,ମନ ମୋ' ମୋହିବ
ଦିନୁ ଦିନ ବିତୁ ଅଛି ॥

ଛୁଇଁବ ଛୁଇଁବ ତନୁ ମୋ' ଛୁଇଁବ
ସ୍ୱର୍ଶରେ ମେଣ୍ଟିବ ତୃଷା
ଧୋଇବ ଧୋଇବ ଇପ୍ସିତ ମନର
ଅଭିଳଷିତ ପିପାସା ॥

ଗାଇବ ଗାଇବ ମେଘ ମହ୍ଲାର ସେ
ରିମ୍ ଝିମ୍ ସୁର ତାନେ
ଦେଖିବ ଦେଖିବ ଅପଲକ ନେତ୍ରେ
ପ୍ରକୃତିକୁ ସ୍ୱାଭିମାନେ ॥

ଲିଭିବ ଲିଭିବ ଦହନର ଜ୍ୱାଳା
ତା'ର ମଧୁର ପରଶେ
ବର୍ଷିବ ବର୍ଷିବ ମଧୁ ପରଷିବ
"ବର୍ଷା" ଥିଲେ ମୋ'ର ପାଶେ ॥

ପାରଳାଖେମୁଣ୍ଡି

# ବର୍ଷା କାଳରେ

**ପୁଷ୍ପାଞ୍ଜଳି ପଣ୍ଡା**



ନିଦାଘ ଫେରନ୍ତି ସମୟ ଅନ୍ତରେ
ବରଷା ଋତୁର ପ୍ରବେଶ
ଚାତକ ଚାତୁରୀ ଦେଖାଏ ଖୁସୀରେ
ଲଭି ଭିଜାମାଟି ସୁବାସ
ବର୍ଷା କାଳରେ
ବଉଦ ବାରିଦ ପ୍ରେମରେ
ଢାଳଇ ଅମୃତ ଧାର ଏ ଧରାରେ
ଶୁଷ୍କ ତରୁ ବୃକ୍ଷଲତାରେ।।

ସବୁଜ ବନାନୀ ସ୍ଫୀତ ଉତ୍ଫୁଲିତ
ସ୍ନାନାନ୍ତେ ସଜାଏ ପଣତ
ବର୍ଣ୍ଣବିଭା ଫୁଟି ଉଠି ଶୋଭେ
ନଦନଦୀ ପଥ ଉନ୍ମୁକ୍ତ
ବର୍ଷା କାଳରେ
ପ୍ରକୃତିର ପ୍ରିୟ ଋତୁରେ
ଅପସରି ଯାଏ ତପ୍ତ ଗ୍ରୀଷ୍ମ ତାପ
ମଙ୍ଗଳକାରକ ବାରିରେ।।

ସୃଷ୍ଟି ସର୍ଜନାର ସୁସମୟ ଭବେ
ଅୟମାରମ୍ଭର ଏ ଋତୁ
ଧିରେ ଧାବମାନ ଆକାଶେ ତପନ
ସର୍ବେ ଭବନ୍ତୁ ସୁଖୀନଃ
ବର୍ଷା କାଳରେ
ଇନ୍ଦ୍ରଧନୁ ସାତରଙ୍ଗରେ
ପ୍ରସନ୍ନତା ପ୍ରାପ୍ତି କରଇ ଧରଣୀ
କ୍ଷଣେ ମାତ୍ର ଦିବ୍ୟସ୍ପର୍ଶରେ....।।

ଧୁମ୍ର କୁଣ୍ଡଳୀର ନଭଶ୍ଚୁମ୍ବୀ ଯାତ୍ରା
ମଥାନରୁ ଉର୍ଦ୍ଧ୍ୱଗତିରେ
ସବୁଜ ଲତିକା ରଙ୍ଗ ଛପିଯାଏ
ଫୁଟିଉଠେ ପୁର୍ବ ପ୍ରକାରେ
ବର୍ଷା କାଳରେ
ମଣ୍ଡୁକ ମଣ୍ଡୁକୀ ପ୍ରେମ ବାର୍ତ୍ତାଳାପ
ନିଆରା ଧ୍ୱନିରେ କମ୍ପଇ
ଜଳ ବହୁଳତା ବଢ଼ଇ।।

**ଯୋଜନା ସଂଯୋଜନା ବିଭାଗ**
**ଓଡ଼ିଶା ସରକାର**

# ବର୍ଷା...



**ଜୟନ୍ତୀ ସ୍ୱାଇଁ**

ବହୁଦିନ ପରେ ଆସିଛି ବରଷା
ଶ୍ୟାମଳିନୀ କନ୍ୟା ହୋଇ
ଭସାଇ ଦେବାକୁ ସମସ୍ତ ଜଂଜାଳ
ତା' ରୂପର ବନ୍ୟା ନେଇ.... ।।

ଗଗନେ ପବନେ,ବରଷା ବାହୁନେ
ନିରିମାଖି କଇଁ କଇଁ
ବିନ୍ଦୁବିନ୍ଦୁ ତା'ର ଲୁହଧାରା ଦିଏ --
ଧୂସର ମାଟିକୁ ଧୋଇ.... ।।

ବରଷା ଛୁଆଁରେ ଧରଣୀ ଦେହରେ
ସବୁଜିମା ଯାଏ ଭରି....
ନଦୀ ପୁଷ୍କରିଣୀ ଶୁଖିଲା ଓଠରୁ
ହସଯାଏ ଝରିଝରି.... ।।

ଧରଣୀ ରାଣୀର ଭୋକିଲା ଛାତିରେ
ଢ଼େଉଢ଼େଉ ଶସ୍ୟ ରାଶି
କୁଆଁରୀ ଆଖିରେ ସପନର ଭିଡ଼
ପାହିଯାଏ ଦେଖି ରାତି.... ।।

ଶୀତଳ ଶୀତଳ ମୃଦୁ ସମୀରଣ
ଶିହରିତ କରେ ପ୍ରାଣ...
ଭିଜାଭିଜା ସେଇ ବରଷା ଛିଟାରେ
ଭିଜିଯାଏ ତନୁମନ... ।।

ମେଘୁଆ ଆକାଶ ଗାଇଯାଏ ଗୀତ
ମୟୂରୀ ନାଚଇ ତାଳେ....
ସାଧବାଣୀ ବୋହୂ ସାଧବ ବିରହେ
ଲୁଚିଲୁଚି ଲୁହ ଢ଼ାଳେ... ।।

**ବରାଙ୍ଗ, ଅସ୍ତରଙ୍ଗ, ପୁରୀ**



# କାଳିଆ ଦର୍ଶନ

ଦିବାକର ନାୟକ

ଝିରି ଝିରି ଝରେ  ଶ୍ରାବଣ ବରଷା
ସିରିସିରି ବହେ ପବନ
କୋହଲା ପାଗରେ  ଚାଲିଛି ମୁଁ ଏକା
କରିବି କାଳିଆ ଦର୍ଶନ (୦)

ପୁରୀ ନୀଳାଚଳ  ଯାଇ ପାରିଲିନି
ଗଡିଗଲା ସିନା ବୟସ
ଶାବର ଶ୍ରୀକ୍ଷେତ୍ରେ  ପାଦ ଦେଉ ଦେଉ
ଭୁଲିଯିବି ସବୁ ଅବଶ

ବହିରେ ଦେଖିଛି  ମନ୍ଦିରେ ଦେଖିବି
ସଫଳ ହେବ ମୋ' ଜୀବନ
କୋହଲା ପାଗରେ  ଚାଲିଛି ମୁଁ ଏକା
କରିବି କାଳିଆ ଦର୍ଶନ (୧)

ବରଷା ତୁ' କାଳେ  ରଥଯାତରାରେ
ଭକତଙ୍କୁ ଥିବୁ ଭିଜେଇ
ସେ ଭିଜା ହାତରେ  ତୁ' ତୋ' ପ୍ରଣାମ
ଠାକୁରଙ୍କୁ ଥିବୁ ଜଣେଇ

ଟିକେ ତୁ' ଥମିଲେ  ଯାଆନ୍ତି ସହଳେ
ଜପିଜପି ଚକାନୟନ
କୋହଲା ପାଗରେ  ଚାଲିଛି ମୁଁ ଏକା
କରିବି କାଳିଆ ଦର୍ଶନ (୨)

**(ଶାବର ଶ୍ରୀକ୍ଷେତ୍ର: ଶ୍ରୀ ଜଗନ୍ନାଥ ମନ୍ଦିର, କୋରାପୁଟ)**

**ପାଟପୁର, କନିସି, ଗଞ୍ଜାମ**



# ବର୍ଷା...

**ଅଞ୍ଜଳି ଦାସ**

ତୁମେ ଯେବେ ଆସ ଧରାକୁ ଓହ୍ଲାଇ
ତୁମ ଅଶ୍ରୁ ଜଳେ କରିଦିଅ
ଧରାଣକୁ ପ୍ଳାବିତ
ତୁମ ସ୍ପର୍ଶେ ହସିଉଠେ
ନୂଆ ଏକ ସ୍ୱର୍ଗ
ତୃଷ୍ଣା ମେଣ୍ଟେ କ୍ଳାନ୍ତ ପଥିକର

ବର୍ଷା.....!!
ତୁମେ ଆସିଲେ ଖୁସିର ମାହୋଲଟେ
ଖେଳିଯାଏ
ଶୁଷ୍କଓଠେ ଫୁଟିଉଠେ ଚେନାଏ ହସ
ଆଉ ଆନନ୍ଦର ଲହରୀ
ଅଜଣା ଶିହରଣେ ନାଚିଯାଏ
ଏଇ ପୁଲକିତ ପ୍ରାଣ

ବର୍ଷା...!!!
ତୁମ ଆଗମନେ ହସିଉଠେ
ସବୁଜ ବନାନୀ
ଚତୁର୍ଦିଗେ ବହିଯାଏ ମୃଦୁ ସମୀରଣ
ଆଉ ମୟୂରୀର ନୃତ୍ୟ ସମ୍ଭାଷଣ

**ଅସ୍ତରଙ୍ଗ, ପୁରୀ**

# ବର୍ଷାର ଜଳସ୍ନାନ



**ଜୟଶ୍ରୀ ପଟ୍ଟନାୟକ**

ପ୍ରକୃତିର ରଂଗଶାଳାରେ ବରଷା କରିଛି ଅବତରଣ
ପୁଲକିତ ହୃଦବଲ୍ଲରୀରେ ଭରିଛି ଅସୀମ ଶିହରଣ
ବରଷାରେ ବଢୁଥାଏ ମନତଳର ସେହି ଦୁଷ୍ଟାମୀ ପଣ
ସପନୁ ସୁଖ ଛାଣି ପ୍ରକୃତି ଘୋଡେଇଛି ଶ୍ୟାମ ବେହରଣ।

ଆକାଶରେ ଭାସଇ ଅସଂଖ୍ୟ ଚିତ୍ର ବିଚିତ୍ର ବଉଦ ମାଳା
ଲାଗେ ସତେ ଜୀମୁତ ଶ୍ରାବଣେ କରୁଛି କେତେ ଲୀଳା ଖେଳା
ବଜ୍ରନାଦ ତୋଳେ ଘଡଘଡି ଆକାଶେ ରଚେ ବିଜୁଳି ମାଳା
ପୁଚ୍ଛ ହଲାଇ ନାଚେ ମୟୂର ଦେଖି ନଭେ ବାଦଲ ମେଳା।

ଓଦା ସରସର ବର୍ଷାର ଖିଆଲି ଦେହ କରେ ଜଳସ୍ନାନ
ଥୁଣ୍ଟା ବୃକ୍ଷରାଜିରେ କଅଁଳି ଥାଏ ସବୁଜ ପତ୍ର ନୂତନ
ସାଧବବୋହୂର ମନରେ ହୋଇଛି ବରଷାର ଉଦ୍ଘାଟନ
ବତୁରା ବିଲମାଟି ଚାଷୀକୁଳକୁ ଦେଇଛି ନବ ଜୀବନ।

ଚତୁର୍ମାସ ଭରିଛି ଶୁଷ୍କ ବେଦନାୟିତ ଜୀବନରେ ପ୍ରାଣ
ସଭିଙ୍କର ମିତ ହୋଇ ବରଷି ଯା', ତୋତେ ରହିଲା ମୋ' ରାଣ।

**ଗଙ୍ଗନଗର ଛକ, ଆକ୍ସିସ ଏଟିଏମ ପାଖ,**
**ଭୁବନେଶ୍ୱର**

# ବର୍ଷା ଚିଠି

ସୁମିତା ବେହେରା ବାପି



ହେଇଟି,
ଏଇତ ବର୍ଷା ଋତୁ
ଆସିବ ଆସିବ ହଉଚି
ବାବୁଘରେ କି କାମ ଏମିତି କରୁଛ ଯେ
ଛୁଟି ଟିକେ ନାହିଁ ?

ଚାଳରୁ ଛପର ଖସି ଗଲାଣି
ଗୁହାଳ ଅବସ୍ଥା ତ ତଦ୍ରୁପ
ପୁଅ ପାଇଁ ବର୍ଷାତିଟେ ଆଣିବ କହିଥିଲ ପା?
ବର୍ଷରେ ଓଦା ହେଇ ଇସ୍କୁଲ ଗଲେ
ଛୁଆଟାର ଦିହ ଖରାପ ହବନି କି?

ବୋଉ ପାଇଁ ଟିକେ ବଥା ତେଲ ଆଣିଥା'ନ୍ତ ପରା!
ବିଚାରୀ ଆଣ୍ଠୁ ଧରିକି ଚାଲି ପାରୁ ନାହାନ୍ତି
ଓଷୁଓ ପାଣି ଟିକେ ଆଣିଥିବ ତାଙ୍କ ପାଇଁ...

ଦି ଖଣ୍ଡ ତ ଲୁଗା, ଧୋଇ ଶୁଖେଇ ପିନ୍ଧୁଚି...
ଲୁଗା ଖଣ୍ଡେ ଆଣିବ
ଗଲା ସନ ବନ୍ଧକୁ ପାଣି ପାଇଁ ଗଲାବେଳେ
ବର୍ଷାରେ ଓଦା ହେଇ ଯାଇଥିଲି ଯେ
ସେ ବାଡ଼ିପଶା ଟୋକାଗୁଡ଼ା କ୍ଲବ ଘରେ ବସିଥିଲେ
ଯୋଉ ହସ ସେ ଅଲକ୍ଷଣାଙ୍କର
ମନ ହଉଥିଲା ଅଖିରେ କଣ୍ଟା ଫୁଟେଇ ଦବାକୁ...
ହଁ, ସ୍ଲିପର ହଳେ ଆଣିବ
କାଦୁଅରେ ଚାଲିଚାଲି କଣନଖା ହେଇ ଯାଉଛି

ଆଉ ବର୍ଷା ଆସିଲେ ......
ଜାଣିଛ ତ ମୁଁ କ'ଣ କହୁଛି...
ହେଇଟି, ଜଲଦି ଆସ ମ.....
ବର୍ଷା ଆସିବା ଆଗରୁ.....
ଇତି
ତମର

ଭୁବନେଶ୍ୱର



# ଚାଷୀପୁଅ

**ପ୍ରଜ୍ଞା ମହାନ୍ତି**

ଚଷାପୁଅ ବର୍ଷାଧାରାରେ
ଡଂଗାକରି ଭସାଇଦିଏ
ପାଠପଢ଼ା ଖାତା
ଲିଭିବା ଯାଏଁ ଜୀବନସଳିତା
ଲଂଗଳମୂନକୁ ଲେଖନୀ
ଖେତକୁ କରି ଖାତା
ଲେଖୁଥାଏ ଜୀବନ କବିତା।
ବର୍ଷା ହେଲେ
ଚଷାପୁଅ ପଖିଆ ଖୋଜେନା
ଛାତିରେ ଜାକିପକାଏ ମେଘକୁ
ପୀରତି ରଚେ ପାଳଭୂତ ସାଂଗେ
ଅଜାଡ଼ିଁ ପକାଏ ଖତଭଳି ଖେଦକୁ
ହସିପକାଏ ପାଳଭୂତ
ବିସ୍ତୃତିଯାଏ ତା'ର ହାତ ଆଉ ଦାନ୍ତ
ଛାଡ୍ ରେ....ଦେଖ୍ ତୋ' ଖେତରେ
ମାଟି ପାଣି ଆକାଶ ପବନ
ସଭିଏଁ ମିଳାଇ ମନ ଗଢ଼ନ୍ତି ଜୀବନ
ଶୀତଳି ଯାଏ ଜଠରାଗ୍ନି ଜ୍ୱାଳା
କିଏ ମାନୁ ବା ନମାନୁ
ତୁ' ଦୁନିଆଁର ମହିଖୁଣ୍ଟ
ତତେ ଆଉ କ'ଣ ଲୋଡ଼ା!
ଆ ଏବେ ଭିଜିବା ବର୍ଷାରେ
ତୋ' ମୋ' ପୀରତି ଦେଖି
ସଭିଏଁ ପରା ଜଳିବେ ଇର୍ଷାରେ।

ମାତୃବିହାର,
ବୁଢ଼ାରାଜା, ସମ୍ବଲପୁର



# ବର୍ଷା...

**ସବିତା ମହାପାତ୍ର**

ଅନେକ ଦିନ ପରେ ବର୍ଷା...
ଲାଗୁଛି ଯେମିତି ଦିଗବଳୟ ସେପଟେ
ରୂପସୀ ଧରା ଶାଗୁଆ ଶାଢ଼ିକୁ
ଦେହରେ ଦେଇଛି ବିଛେଇ..!
ବର୍ଷାର ଛିଟା ଦେହ କରେ ଓଦା
ଭରେ ମନେ ମାଦକତା
ବର୍ଷାର ସ୍ପର୍ଶ କରାଏ ଉନ୍ମାଦ
ମଦୁଆଲା ବାସ୍ନା ତା'ର..!
ବର୍ଷାର ଭାଷା ରିମ୍ ଝିମ୍ ଶବ୍ଦ
ସତେ ଅବା ନୂପୁର
ବର୍ଷାର ଗୀତ ଜୀବନ ସଂଗୀତ
ଆନମନା ହୁଏ ମନ..!
ବର୍ଷା ଭିଜା ମାଟିର ବାସ୍ନାରେ
ମଦୁଆଲା ଦେହ ମନ ପ୍ରାଣ
ହସିଉଠେ ଧରଣୀ ରାଣୀ
ବନଭୂମି କରି ଆଲିଙ୍ଗନ..!
ନୀଳ ଆକାଶର ଉଛୁଳା ପ୍ରେମର
ବରଷା ଝରୁଛି ବୋଲି
ଋତୁମତୀ ଧରା ବିଭୋରେ ଦେଇଛି
ଦେହର ଦରଜା ଖୋଲି..!

କବିସୂର୍ଯ୍ୟନଗର,
ଗଞ୍ଜାମ



# ହେ ବରଷା...

ସୁନୀଲ ନାୟକ

ହେ ବରଷା, ତୁମେ ବରଷି ଯାଅ...
ମନ ଆଜି ଭିଜିବାକୁ ଚାହେଁ,
ଶ୍ରାବଣର ଭିଜାଭିଜା ରାତି
ଥୁରୁଥୁରୁ ଦେହ ଗୋଟା,
ତଥାପି ମୁଁ ଭିଜିବାକୁ ଚାହେଁ। ।୧।

ହେ ବରଷା, ତୁମେ ବରଷି ଯାଅ...
କାହିଁ କେତେଦିନୁ ବର୍ଷି ନାହିଁ,
ତୁମ ପାଖେ ଯଦି ବିକଳ୍ପ ନାହିଁ
ମୋ' ଲହୁ ନେଇ ବର୍ଷି ଯାଅ,
ମୋ' ଲହୁରେ ମୁଁ ଭିଜିବାକୁ ଚାହେଁ ।୨।

ହେ ବରଷା, ତୁମେ ବରଷି ଯାଅ...
ହୃଦୟ ମୋ' କାନ୍ଦିବାକୁ ଚାହେଁ,
କ୍ଷତାକ୍ତ ମୋର ଏ ହୃଦୟରୁ
ଲୁହ ହୋଇ ବହିବାକୁ ଚାହେଁ,
ମୋ' ଲୁହରେ ମୁଁ ଭିଜିବାକୁ ଚାହେଁ ।୩।

ହେ ବରଷା ତୁମେ ବରଷି ଯାଅ...
ଆଜି ମୁଁ ଭିଜିବାକୁ ଚାହେଁ...

ଅସ୍ତରଙ୍ଗ, ପୁରୀ

# ଲହୁ ମୁହାଣରେ ବର୍ଷା

**ଛବିରାଣୀ ପତି**



ବର୍ଷା ସିନା ମନମତାଣିଆ ଆସି
ସର୍ବତ୍ର ଭିଜେଇ ଛାଡି ଚାଲିଯାଏ
ଦେହରେ କିନ୍ତୁ ଲଗାଇଯାଏ ନିଆଁ।

ବାଡିବଗିଚା ନଦୀନାଳ ପୋଖରୀ
ସାଧବବୋହୂର ଘାସ ଗାଲିଚା
ସାରୁବୁଦା ମୂଳେ ବେଙ୍ଗବେଙ୍ଗୁଲୀ
ଗାଡିଆ ବନ୍ଧରେ ବଗବଗୁଲୀ
ଚାଷୀଭାଇର କ୍ଷେତ ପଖିଆ
ଏକ ପ୍ରକାର ସମସ୍ତେ ଉତ୍ଫୁଲିତ
ବଉଦ ଫାଙ୍କରୁ ବରଷା ଝରିଲେ।

ବିରହୀ କାତର ବିଧୁରା ପ୍ରେୟସୀର
ନିରାସିଆ ଆଖିରୁ ନିର୍ଦ୍ଧମ ବରଷେ ଲୁହ
ହୃଦୟରୁ ବି ଅତଡା ଖସି ନିଗିଡ଼ି ଆସେ
ପଳପଳ ଅକୁହା ଯନ୍ତ୍ରଣାର ତତଲା ଲହୁ
ସାମାନ୍ୟ ମାତ୍ର ଉପଶମ ହୁଏ ଅବସାଦ।

ଆତ୍ମହରା ହୋଇ ଗ୍ଲାନି ଅବସୋସ ପିଇ
କେତେବେଳେ ଚେତାଶୂନ୍ୟବତ୍ ଶୋଇଯାଏ
ସିଏ ନିଜେ ବି ଜାଣେନା !!
ହଁ, ଓଦା ରହିଯାଏ ପିନ୍ଧା ବସ୍ତ୍ର ....
ଲୁହ ଲହୁ ଅବା ସରମୀ ବରଷା ଛିଟାରେ।

ଜଗତସିଂହପୁର

# ବର୍ଷା

ସୌଦାମିନୀ ସାହୁ

ମୋ' ଗାଆଁକୁ ଯେବେ ବରଷା ଆସଇ
ନବବଧୂ ପରି ସେ ସଜେଇ ହୁଏ,
କଳା ଓଢଣୀକୁ ଆକାଶେ ବେଢ଼େଇ
ଲାଜେଇ ଲାଜେଇ ସେ ଭିଜୁଥାଏ।

ଆକାଶ ମାଟିର ମିଳନ କି ସତେ
ଦିଗବଳୟେ ଦୁହେଁ କି କଥା ହୋ'ନ୍ତି,
ସେ ମିଳନ ତାଳେ ଦୁନ୍ଦୁଭି ବଜାଇ
ତୋଷଚିତ୍ତେ ମେଘ ବରଷି ଯା'ନ୍ତି।

ଛମ୍ ଛମ୍ ସୁରେ ବରଷା ବରଷେ
ସମ୍ମୋହନେ ଭିଜେ ମୋ' ଗାଆଁ ମାଟି,
ଭିଜାମାଟି ବାସ୍ନା ମହକାଇ ଦିଏ
ମୁନିମନ ଜିଣେ ପକାଇ ଖୋଟି।

ଅଷ୍ଟମାସ ପରେ ସାଧନାର ସିଦ୍ଧି
ବରଷା ବରଷେ କି ଅନୁରାଗେ,
ମୋ' ଗାଁଆ ଲାଗଇ ସବୁଜ ପରୀଟେ
ବାସ୍ତବ ଚିତ୍ର ତା' ମୁଁ ଅନୁଭବେ।

ବରଷା ବରଷି ଭିଜାଏ ଯେବେ ସେ
ଭିଜିବାକୁ ମନ ଆବେଗେ ଛୁଟେ,
କାଗଜ ଡଙ୍ଗାରେ ପ୍ରୀତିର ସ୍ୱାକ୍ଷର
ପ୍ରିୟତମ ପାଇଁ ସୁଅରେ ଭେଟେ।

ବର୍ଷା ଗୋ! ତୁମେ ଅନନ୍ୟା ରୂପସୀ
ତୁମ ଆଗମନେ ମୋ' ଗାଁ ସ୍ୱର୍ଗ,
ପ୍ରୀତିର ରାଗିଣୀ ମେଘ ମହ୍ଲାରେ
ପବନେ ମହକେ କି ଅନୁରାଗ।

ନେହେରୁ ନୋଡାଲ ଉ ପ୍ରା ବିଦ୍ୟାଳୟ
ସଫା, ଟାଙ୍ଗୀ , କଟକ

# ବର୍ଷା

ସୁହଂସ ଭୋଇ

ପହିଲି ଆଷାଢ଼ ବରଷାରେ ଥରେ
ଦେହ ଯେବେ ଭିଜିଯାଏ
ଦେହ ସିନା ଲାଗେ ଶୀତଳ ଶୀତଳ
ମନେ ନିଆଁ ଜାଳିଦିଏ ।୦।

କଳାମେଘ ଦେଖି ମନ ହୁଏ ଖୁସି
ନାଚଇ ମୟୁର ତଳେ
ଏକ ମନ ଧ୍ୟାନେ ତୃଷାର୍ତ୍ତ ନୟନେ
ଚାତକ ଚାହେଁ ଆକୁଳେ

ରାତିର ପହରେ ଆସେ ଧିରେ ଧିରେ
ମଧୁର ସଂଗୀତ ଗାଏ
ଦେହ ସିନା ଲାଗେ ଶୀତଳ ଶୀତଳ
ମନେ ନିଆଁ ଜାଳିଦିଏ ।୧।

ଅନାବନା ବୀଜ ଉଠେ ହୋଇ ଗଛ
ଘାସ ବି କଅଁଳି ଆସେ
ଗାଆଁ ଦାଣ୍ଡେ ସୁଅ ବୋହିଯାଏ ତହିଁ
ମୋ' କାଗଜ ଡ଼ଙ୍ଗା ଭାସେ

ସୁରୁ ସୁରୁ ହୋଇ କାକର ସମୀର
ଶରୀରକୁ ଛୁଇଁଯାଏ
ଦେହ ସିନା ଲାଗେ ଶୀତଳ ଶୀତଳ
ମନେ ନିଆଁ ଜାଳିଦିଏ ।୨।

ପହଣ୍ଡି, ବରଗଡ଼

# ଆଷାଢ଼ ହସୁଛି ବରଷା ଆସିଛି

ନିରୁପମା ପାଣି

ଆଷାଢ଼ ହସୁଛି
ଧରଣୀ ଭାସୁଛି
ଶୀତଳ ଜଳ ପରଶେ,
ଉତପ୍ତ ହଜିଛି
ଶାନ୍ତି ବିରାଜିଛି
ସଭିଙ୍କ ମନ ହରଷେ !!

ମୌସୁମୀ ସୁନ୍ଦରୀ
କେରଳ କୁମାରୀ
ଆସୁଆସୁ କଲାଡେରି,
ସମୟ କଟିଲା
ହାଆ ହତାଶରେ
ବରଷା ହୋଇଲା ଡେରି!!

ଆଜି ଆଉନାହିଁ
ମନ ହାଇଁ ପାଇଁ
ଶୀତଳତା ଖୋଜାନାହିଁ,
ସକାଳୁ ସକାଳୁ
ବରଷେ ବରଷା
ସଙ୍ଗେ ତା' ପବନ ଥାଇ!!

ଜଳାଭାବ ପୁଣି
ଦୂରେଇ ଗଲାଣି
ହସୁଛି ବେଙ୍ଗୁଲୀ ନାନୀ,
ବେଙ୍ଗ ଭାଇ ଗାଏ
ସୁମଧୁର ସୁରେ
ପୋଖରୀ ହୁଡ଼ାରେ ପୁଣି!!

ବରଷା ପରଶେ
ପୋଖରୀଟି ହସେ
ଫୁଲେଇ ରଙ୍ଗେଇ ହୋଇ,
କୂଳରେ ଖେଳିବେ
କେତେ ଚେଙ୍ଗବେଙ୍ଗ
ବଗୁଲୀ ଆସିବ ଧାଇଁ!!

ଚଗଲା ପିଲାଏ
ମାରିବେ ଢେଲାଏ
ପାଣିଯେ ଖେଳିବ ଦୋଳି,
ତରଙ୍ଗ ଖେଳିବ
ପୋଖରୀଟା ସାରା
ପିଲାଏ ମାରିବେ ତାଳି!!

ଚାନ୍ଦବାଲି, ଭଦ୍ରକ



# ବର୍ଷା...

## ସୁକାନ୍ତି ମିଶ୍ର

ବର୍ଷା ଲାଜବୋଳା ଋତୁର ଆଖିରେ ଆବେଗର ଲୁଚକାଳି
ବନ ବିଥିକାର କଅଁଳ ସରାଗେ ମିଠାଗପ ଦୁଇଧାଡି
ବର୍ଷା ମହମହ ମାଟିର ମହକ କାଦୁଅରେ ଅଙ୍କା ଝୋଟି
ବର୍ଷା ଝରଣାର ନୂପୁରରେ ଖଞ୍ଜା ଫୁଲ ମୋତି ତାରକସୀ

ବର୍ଷା କବିତାର ଖିଆଲୀ ମନରେ ଶବଦର ରୁଣୁଝୁଣୁ
ବର୍ଷା ମେଦୁରିତ ଆକାଶ ଓଠରେ ଗୀତଟିଏ ଗୁଣୁଗୁଣୁ
ବର୍ଷା କାଳିଜହ୍ନ ଅଳପ ଆଳାପ ହସୁଥାଏ ହାତଛନ୍ଦି
ଭିଜୁଥାଏ ବର୍ଷା ପାହାଡ ମଥାରେ ବାଦଲ ପାଛୁଡା ବାନ୍ଧି..

ଅଲିଭା କାଳିର ମେଘ ଠିକଣାରେ ବର୍ଷା କେତକୀର ଚିଠି
ବର୍ଷା ଟୁଳୁଟୁଳୁ ଝରି ପଡୁଥିବା ଜାମୁକୋଳି ଭିଜାପ୍ରୀତି
ବର୍ଷା ଖାତାଚିରା କାଗଜ ନାଆରେ ହଜିଥିବା ପିଲାଦିନ
ବର୍ଷା ସଞ୍ଜଧୁଆ ଜହ୍ନ ଆଞ୍ଜୁଳିରେ କୁଆଁରୀ କଇଁର ମନ..

ବର୍ଷା ଚୁନାଚୁନା ଘାସ ପଣତରେ ସାଧବବୋହୂର ଲାଜ
ମାଟି ଓ ମେଘର ମିଳନେ ବିଭୋର ଭିଜାଭିଜା ଫୁଲସଞ୍ଜ

"ସମ୍ପର୍କ "
ସାରସ୍ୱତ ନଗର, ସିଦ୍ଧମହାବୀର, ପୁରୀ



# ବର୍ଷା

**ଜ୍ୟୋତି ପ୍ରଭା ପଟ୍ଟନାୟକ**

ଘଡ଼ଘଡ଼ି ଦେଖ ମାରିଲାଣି
ତା' ସାଥେ ବିଜୁଳି ଝଲ ମଲ କରି
ଆକାଶେ ରୋଷଣୀ ଜାଳିଲାଣି
ବରଷା ଋତୁଟି ଆସିଲାଣି
ପୁଚ୍ଛ ଟେକି କେକି ନାଚିଲାଣି
କଳାମେଘ ସାଥେ ବିଜୁଳି ଚମକେ
ବରଷା ଆସୁଛି ଜାଣିଲାଣି
ବରଷା ଋତୁଟି ଆସିଲାଣି
ସବୁଜ ଘାସରେ ନାଲିପାଟ ପିନ୍ଧି
ସାଧବ ବୋହୂଟି ଚାଲିଲାଣି
ସାରୁଗଛ ମୂଳେ ବେଙ୍ଗ ବର ବେଶେ
ବେଙ୍ଗୁଲୀକୁ  ଡାକ ଛାଡ଼ିଲାଣି
ଗାଁ ଦାଣ୍ଡେ ପାଣି ଚାଲିଲାଣି
ବରଷା ଜଳରେ କାଗଜ ଡଙ୍ଗାରେ
ପିଲାଏ ଖୁସିରେ ଖେଳିଲେଣି
ଝଡ଼ିପୋକ ସବୁ ଉଡ଼ିଲେଣି
ନଦୀ ନାଳ ଭର୍ତ୍ତି ହୋଇଲାଣି
କୃଷକ ଭାଇର ଖୁସି ଦେଖେ କିଏ
ଚାଷ କାମ  ପାଇଁ ଧାଇଁଲେଣି
ସବୁଜ ସୁନ୍ଦର ଦିଶିଲାଣି
କାଶତଣ୍ଡି ଫୁଲ ଫୁଟିଲାଣି
ପାର୍ବଣ ଋତୁରେ ଦେବୀ ଆବାହନ
ଫୁଲର ଚାମର ଢାଳିଲାଣି
ଧରଣୀରାଣୀଙ୍କ କି ଅପୂର୍ବ ଶୋଭା
ସଭିଙ୍କ ମନକୁ ମୋହିଲାଣି

ଖୋର୍ଦ୍ଧା

# ବର୍ଷା

ପଙ୍କଜିନୀ ଉପାଧ୍ୟାୟ

ଗ୍ରୀଷମ ଉତ୍ତାପ ବଢ଼ାଏ ସନ୍ତାପ
ସନ୍ତାପିତ ହୁଏ ସାରା ବସୁଧା
ଅମୃତ ମୌସୁମୀ ବର୍ଷାର ସୁନାମି
ଶୀତତାପ ପାଇଁ କରେ ମସୁଧା।

ତପତ ପରାଣେ ଖେଳେ ଶିହରଣ
ଯେତେବେଳେ ହୁଏ ସୁଧା ବର୍ଷଣ
ବଜ୍ର ଘନଘନ ଚପଳାର ମନ
ବର୍ଷଣ ସାଥିରେ ମହାମିଳନ।

ନବ ପଲ୍ଲବର ଛାୟା ଗହଳିର
ଶ୍ଯାମଳିମା ଶୋଭା କି ମନୋହର
ଇନ୍ଦ୍ରଧନୁ ରଙ୍ଗ ବଢାଏ ଉମଙ୍ଗ
ଉପମା ବର୍ଣ୍ଣିବା ସାଧ୍ଯ କାହାର ?

ନୀଳ ଆକାଶର ନାହିଁ ପଟ୍ଟାନ୍ତର
ସୁଷମା ତରଙ୍ଗ ବାଦଲ ମେଳା
ଜୀବର ଜୀବନ ବରଷାର ମାନ
ସୃଜନ ସମ୍ଭାର ଅମ୍ବୁଦମାଳା।

ସେ ଅମୃତ ସ୍ପର୍ଶ ଜୀବନର ରସ
ସମସ୍ତ ଯନ୍ତ୍ରଣାର ଉପସମ
ବସୁଧା ଅଙ୍ଗନ ବିବିଧ ବରଣ
କେଉଁ ଋତୁ ହେବ ବରଷା ସମ ?

ବର୍ଷା ଜଳଧାର ସୃଷ୍ଟିର ସମ୍ଭାର
ରୁଚିର ସଂସାର ପରିକଳ୍ପନା
ପ୍ରୀତି ମଧୁଝର ଇନ୍ଦ୍ର ଜଳଧାର
ପୁରାଇ ପାରିବ ମନୋକାମନା।

ଏ ମହାମିଳନ ମଧୁର ଲଗନ
ଅନେକ ସ୍ୱପ୍ନର ସେ ତାରକସି
ସଂଜୀବନୀ ଜ୍ଞାନ ଭାବ ସମ୍ମୋହନ
ଉପର ମୁଣ୍ଡରୁ ଦେଲେ ବରଷି।

ସାରା ବସୁଧାର ହଟେ ଜଡ଼ତ୍ୱର
ଋତୁସ୍ନାନ କରେ ବସୁଧା ମାତା
ନବ ଶିହରଣ ସୁଧାଯୁକ୍ତ ପ୍ରାଣ
ସମସ୍ତ ସଜୀବ ଅମୃତ ସତ୍ତା।

ଉଛୁଳଇ ନଦୀ ପୁଷ୍କରିଣୀ ଆଦି
ବର୍ଷା ରାଣୀ ତୁମେ ପରା ଅନନ୍ୟା
ପରିପୂର୍ଣ୍ଣତାର ଅମୃତ ସ୍ୱାକ୍ଷର
ଛୁଟାଇ ପାରିଛ ରୂପର ବନ୍ୟା।

ଆତୁର ପ୍ରାଣର ଅସୀମ ତୃଷ୍ଣାର
ଅମୃତ ବର୍ଷିଣୀ ବରଷା ରାଣୀ
ତୁମେ ସୃଜନର ପ୍ରୀତିମୟ ଝର
ସମଗ୍ର ଜଗତ ତୋ' ଠାରେ ଋଣୀ।

ଯାଜପୁର

# ବର୍ଷାରେ କହିଦେ ମୋତେ



ଡ. ଚପଳା ପଣ୍ଡା

ଶେଷ ଆଷାଢ଼ରେ ପୁଲକ ଖେଳାଇ
ଶ୍ରାବଣକୁ ମନ ଦେଉ
ମାଟି ମଟାଳକୁ ଭିଜେଇ ସଢେଇ
ବସୁଧାକୁ ଧୋଇଦେଉ
କହିଲୁ କହିଲୁ ବର୍ଷା,
ମାଟିକୁ ଛୁଇଁବା ମେଘକୁ ଡାକିବା
କେଉଁଟା ତୋହର ନିଶା।
କିଏ କେତେ ତୋତେ ଖୋଜୁଛି କହିଲୁ
ଚାତକ ନା ଚାଷୀ କୁଳ
ଲଟା ବୁଦା ଅବା ଘାସର ଗାଲିଚା
କିବା କଦମ୍ବର ମୂଳ
ସତ କହ ମୋତେ ବର୍ଷା,
ତରୁଣ ପରାଣ କବିଙ୍କ କବିତା
ଅବା ଚିତ୍ରକର ଭାଷା।
ନଦୀ ତୋତେ ଚାହେଁ ଅଥବା ସମୁଦ୍ର
କିଏ ଝୁରେ ତୋତେ ଏତେ
ଧାଇଁ ଆସୁଅଛୁ ବେଳ ଅବେଳରେ
ନୟନ ପଲକ ପାତେ
କହିଦେ କହିଦେ ବର୍ଷା,
କାହିଁକି କେଜାଣି ସୃଷ୍ଟି ହୋଇଯାଏ
ସେମାନଙ୍କ ପାଇଁ ଈର୍ଷା।

ପାହାଡ଼ କି ଡାକେ ଝରଣା କି ଗାଏ
ପାତି ଆମନ୍ତ୍ରଣ ଛାତି
କିଏ ତୋତେ ଝୁରେ ସବୁଠାରୁ ବେଶୀ
ଗାଇ ପ୍ରୀତି ପୂର୍ଣ୍ଣା ଗୀତି
କହିଦେ କହିଦେ ଥରେ,
ମନରେ ଉଚ୍ଚାଟ କାହା ପାଇଁ ଆସୁ
ମାନସୀ କନ୍ୟା ତୁ କା'ରେ?
ବିଶ୍ୱାସ ରଖିଛି କହିଦେବୁ ଥରେ
ନିଭୃତରେ ପଛେ ହେଉ
ମନ ବୁଝିଯିବ ସନ୍ଦେହ ତୁଟିବ
ଡେରି ପଛେ ଟିକେ ହେଉ
ପଚାରୁଛି ପ୍ରଶ୍ନ ବର୍ଷା,
ଉତ୍ତରରେ ମୋତେ ନିଶ୍ଚୟ କହିବୁ
ମେଣ୍ଟିଯିବ ମନ ତୃଷା।
ଯେତେ ଲେଖିଲେ ବି ପ୍ରଣୟ ପତର
ମନ ଜମା ବୁଝୁ ନାହିଁ
ଭଲ ପାଇବାର ସ୍ୱାଧୀକାର ଥୋଇ
ଉତ୍ତରକୁ ରହେ ଚାହିଁ।
ବର୍ଷାରେ କହିଦେ ମୋତେ,
ସପନରେ ଆସି କହିଦେଇ ଯାଆ
ଭଲ ପାଇବାଟା କେତେ।

ଖୋର୍ଦ୍ଧା

# ଛପିଛପି ବର୍ଷା ଆସେ

**ବାବାଜୀ ଚରଣ ଜେନା**



ଛପିଛପି ବର୍ଷା ଆସେ
ଶ୍ରାବଣର ସକାଳରେ
ତମ ସ୍ମୃତି ମନେ ପଡେ
ନୀରୋଳା ଏ ନଈ କୂଳେ
ଛପିଛପି ବର୍ଷା ଆସେ....।୦।

ନିଦାଘରେ ଜଳିଜଳି
ଚାହିଁ ଥିଲି ଯାହାକୁ
ପ୍ରୀତି ରଙ୍ଗ ବୋଳିଲାସେ
ଓଦା କରି ମୁହଁକୁ
ମନ ପକ୍ଷୀ ହଜି ଯାଏ
ଭିଜା ମାଟି ମହକରେ
ଛପିଛପି ବର୍ଷା ଆସେ....।୧।

ଶୀତଳତା ନେଇ ତମେ
ଆସି ଅଛ ଗାଆଁକୁ
ଆସ ଆମେ ନାଚିବା ଗୋ
ଭୁଲି ଦୁହେଁ ନିଜକୁ
ମନ ଆଜି ଆନମନା
ମହ୍ଲାର ସୁରେ ସୁରେ
ଛପିଛପି ବର୍ଷା ଆସେ.....।୨।

**ଅହଲ୍ୟା ନିବାସ, ପୋପରଡା,**
**ନୂଆବଜାର, କଟକ**

# ବର୍ଷା କାହାଣୀ

## ଆଶୁତୋଷ ମେହେର



ବରଷା ଭିଜାଏ ମାଟି ହୁଏ ଓଦା
ବାସ ଛୁଟେ ଭୁରୁଭୁରୁ,
ମନକୁ ଭିଜାଏ ପ୍ରେମର ବରଷା
ମରୁଦ୍ୟାନେ ଘେରା ମରୁ.....।।୦।।

ବରଷାର ଧାରା ଖସି ପଡୁଥାଏ
ଅବାରିତ  ଝରଝର,
ପୀରତି ମହ୍ଲାର  ସୁରେ ବାଇ ମେଘ
ନାଚିବାକୁ ଆଗଭର,
ଢାଳି ଦେଉଥାଏ ବିଜୁଳି ଚମକେ
ପ୍ରେମ ରସ ଭରା ମହୁ...... ।।୧।।

ବାତାୟନେ ବସି ବିରହୀ ମନଟା
ବରଷା ଶୀତଳ ମାପେ,
ପାଣି ଟୋପା ଲାଗେ ଉଷୁମ ଉଷୁମ
ପ୍ରିୟର ନିଶ୍ୱାସ ତାପେ,
ବରଷା କାଳରେ ଏକେଲା ସମୟ
ବିରହୀ ପରାଣେ ଲହୁ.....  ।।୨।।

ବରଷା ବରଷୁ ପ୍ରେମ ଢାଳୁଥାଉ
ଓଦା ମାଟିି ତନୁ ମନ,
ଜୀବନେ ସବୁତ ଅଳିକ ଯେ,ଖାଲି
ପୀରତି ଅମୂଲ ଧନ,
ବିରହୀ ଜୀବନେ ବରଷା ତ ଲେଖେ
କାହାଣୀ ସେ କହୁ କହୁ..... ।।୩।।

୫୪ ଆର୍ଯ୍ୟପଲ୍ଲୀ
କିଟ୍ ଛକ, ପଟିଆ, ଭୁବନେଶ୍ୱର



# ଅଭିମାନି ଶ୍ରାବଣୀ

କଳ୍ପନା ମିଶ୍ର

ବଡ଼ ଅଭିମାନୀ ଶ୍ରାବଣୀ ଗୋ ତୁମ
ଅଭିମାନ ଭାଙ୍ଗୁ ନାହିଁ
ତୁମରି ସାନିଧ୍ୟ ପାଇବାକୁ ଧରା
ଉଲ୍ଲସେ ବସିଛି ଚାହିଁ।

କଳା ମେଘିପାଟ ଚିରି କି ଗଲାଣି
ପିନ୍ଧିବାକୁ ନାହିଁ ବାସ
ତୁମେ ନ ଆସିଲେ ଏ ମର୍ତ୍ତ୍ୟ ଭୁବନେ
କିଏ ଆଣିବ ଉଲ୍ଲାସ?

ମେଘ ଡମ୍ବରୁର ଡିବିଡିବି ନାଦେ
ବିଜୁଳି ରୋଷଣୀ ଜାଳି
ଆସ ଗୋ ଶ୍ରାବଣୀ ମେଘ ପଟୁଆରେ
ବରଷାକୁ କରି ମାଳି।

ଶୁଖିଲା ପଡ଼ିଛି ଜଳାଶୟ ସବୁ
ଫାଟିଲାଣି ଧରା ବକ୍ଷ
ଅଭିମାନିନୀ ଗୋ ଅଭିମାନ ଛାଡ଼ି
ପୃଥିବୀକୁ ଟିକେ ଦେଖ।

ତୁମ ଆଗମନେ ସବୁଜ ସୁନ୍ଦର
ଦିଶିବ ଧରଣୀ ରାଣୀ
ରୌଦ୍ର ତାପ ଆପେ ଆପେ କମିଯିବ
ଶୀତଳ ହେବ ଧରଣୀ।

ହରିପୁର, ସୁକିନ୍ଦା,
ଯାଜପୁର

# ଚା କପ୍ ଓ ବର୍ଷା

## ଅମୀୟ କୁମାର ସାହୁ

ତୁମ ସହ ଦେଖାହୋଇଥିଲା
ଚା ଖଟିରେ
ତୁମକୁ ଛୁଁ ଛୁଁ
ଆକାଶରୁ ଅଜାଡ଼ି ହୋଇପଡ଼ିଲା
ଅସରାଏ ବର୍ଷା
ରାସ୍ତାରେ ଠିଆ ହୋଇଥିଲା ବର୍ଷା
ଭିଜୁଥିଲା ମାଟି
ଭିଜୁଥିଲା ବର୍ଷା
ମହକୁଥିଲା ମୋ'
ଚାରିପାଖର ପୃଥିବୀ
ମାଟିର ବାସ୍ନାରେ
ବର୍ଷାର ବାସ୍ନାରେ
ଆଉ ତୁମ ଦେହର ବାସ୍ନାରେ

ସେଦିନ ବି ବର୍ଷା ହେଉଥିଲା
ଅରଣା ମଇଁଷିମାନଙ୍କ ମେଳରେ
ଛଟପଟ ହେଉଥିଲା ବର୍ଷା
କାକୁତିମିନତି ହୋଇ କହୁଥିଲା
ନାଇଁ ବାବୁ
ସେମାନଙ୍କ ସହ ଲାଗ ନାହିଁ
ସେମାନଙ୍କ ହାତ ବହୁତ ଲମ୍ବା
ଭୂମିରୁ ଭୂମା ତାଳୁରୁ ତଳିପା
ମୁଁ ତ' ଛାର
ନର୍ଦ୍ଦମାର ପଚା ଫୁଲଟେ
ମୁଁ କିନ୍ତୁ ଥିଲି ନ ଛାଡ଼୍ ବନ୍ଧା
ଏଇ !
ବର୍ଷା ଛାଡ଼ିଲାଣି
ଚାହାଟା ଥଣ୍ଡା ହୋଇଯିବ
ଶୀଘ୍ର ପିଇ ଦିଅ ।

ବର୍ଷା ଛାଡ଼ିଯାଇଥିଲା
ବାଇକରେ ବସିଥିଲା ବର୍ଷା
ମୁଁ ଭିଜୁଥିଲି ବର୍ଷାରେ ।

ବୁଢ଼ାପଡ଼ା, ଜଟଣୀ

# ବର୍ଷା

**ବୈଶାଳୀ ସାହୁ**

ବରଷା ରାଣୀର ସୁ-ଆଗମନ
ଧରଣୀ ରାଣୀର ପ୍ରସନ୍ନ ମନ।
ଜୀବ ଯିବା ଗଛ ଉଠି ବସନ୍ତି
ନାନା ଜାତି ଫୁଲ ଫୁଟି ଉଠନ୍ତି।
ନାଲି ଟୁକୁଟୁକୁ ସାଧବ ବୋହୁ
ଧରଣୀ ରାଣୀକୁ ହସାଉ ଥାଉ।
ଚାଷୀ ଭାଇ ମନ ହୁଏ ଉଚ୍ଛନ୍ନ
ଚାଷ କାମେ ଲାଗି ରହେ ତା ମନ।
ବିଜୁଳି ରେଖାର ତରକା ଖେଳ
ନଦୀ ପୋଖରୀରେ ଉଛୁଳେ ଜଳ।
ବର୍ଷା ବିହୁନେ ସୃଷ୍ଟି ତ ନାଶ
ବର୍ଷା ପାଇ ସର୍ବେ ହୁଅନ୍ତି ତୋଷ।

ଛଣଘର, ଜଟଣୀ,
ଖୋରଧା

# ମୌସୁମୀ ଗୋ

ପୂର୍ଣ୍ଣିମା ପଣ୍ଡା

ମୌସୁମୀ ଗୋ ତୁମେ ପହିଲି ଆଷାଢ
ପ୍ରଥମ ପ୍ରେମର ରାସ
ତୁମରି ପରଶେ ସିକ୍ତ ତନୁମନ
ପୁଲକରେ ଭରେ ବାସ ।।

ଶିହରଣ ଖେଳେ ଶୀତଳ ସମୀର
କୋମଳତା ତନୁ ଧରି
ଭିଜା ଭିଜା ଏଇ ମାଟିର ମହକ
କୁସୁମେ ସୁରଭି ଭରି ।।

ବାରିଦର ମିଠା ପ୍ରୀତିର ପରଶ
ତୋଳି ଆଞ୍ଜୁଳି ପରେ
କଳାମେଘ କୋଳେ ବିଜୁଳି ଚମକେ
ଆଗମନେ ତା'ର ଧିରେ ।।

ସତେକି ଗଗନ ଖୁସିରେ ମଗନ
ରୁପେଲି ରୋଷଣି ଧରି
ଚୁପିଚୁପି କହେ ମଉସୁମୀ କାଳେ
କରିଛି ତା' ମନ ଚୋରି ।।

ଶ୍ୟାମଳ ସୁନ୍ଦର ଘାସର ଗାଲିଚା
କୋମଳତା ଭରି ହସେ
ଧରଣୀର ତନୁ ଅପରୁପ ଦିଶେ
ମୁଗ୍ଧ ମୋହିତ ବେଶେ ।।

ନାଲି ଟୁକୁଟୁକୁ ସାଧବ ବୋହୂ ତା'
ନାଲି ଓଢଣୀକୁ ଧରି
ଲାଜର ଅବିର ବୁଣିଦିଏ ଧିରେ
କୁହୁକ ରଙ୍ଗରେ ଭରି ।।

ପେଲେସ ଲାଇନ,
ବଲାଙ୍ଗୀର

# ଶ୍ରାବଣୀ ମୌସୁମୀ



**ଆରତି ମଞ୍ଜରୀ ଦାଶ**

ଶ୍ରାବଣ! ରୁଦ୍ଧ ଆବେଗେ
ଗର୍ଜି ଉଠନ୍ତ କି ଭରା ଅଭିମାନେ !!
ଅବହେଳା ନୁହେଁ,
କେଉଁ ଅଭିଶାପେ
ଲୁଚାଇ ନିଜକୁ ସାଗର ଗରଭେ
ଚିର ଆକାଙ୍କ୍ଷିତା ମୌସୁମୀ ପ୍ରିୟା
ଫେରିଚି ତୁମରି ପୁରେ।
ରୁମୁଝୁମୁ ତା'ର ଥିରି ପଦ ପାତେ
କାନନ କାନ୍ଦେନା ଆଉ
ନୀରବତା ଭାଙ୍ଗି ଆନନ୍ଦେ ଅଧୀରେ
ଡାକଇ ପପିହା ପିହୁ
ଦେଖ ଦେଖ ଏ ଯେ ବଞ୍ଚିତ ଭୃଙ୍ଗ
ରୋଷେ ଫେରେ ପଦ୍ମବନୁ
ଶୂନ୍ୟ ପଡ଼ିଛି ରସାଳ ବିଶାଖ
ଶୁଭେନା କୋକିଳ କୁହୁ
ଘନ ଗରଜନେ ଚମକାଇ ତା'ରେ
ଦିଅନା ସନ୍ତାପ ଆଉ।
ସବୁଜ ପାଟରେ  ସାଜି ନିଜ ତନୁ
ବ୍ୟଗ୍ର ହେଲାଣି ବନ୍ଦାପନା ଲାଗି
ମଉସୁମୀ ବଧୂ
ପାଛୋଟି ଆଣିବ ପରା?
ଶୀତଳ ପବନେ ଛୁଟିଲାଣି ବାସ
ଐଶ୍ୱର୍ଯ୍ୟେ ତବ କଦମ୍ବ ହରଷ
ଯା'ର ଆଗମନେ ପୁର ଉଚ୍ଛ୍ୱସିତ
କରନ୍ତ କି ତା'ରେ ଏତେ ହତାଦର !!
ଏକାଳେ ସାଜେନା ଶତକୋପ ତବ
ଲୁଚାଅ ହେ ତାକୁ ଅଚିରେ
ଫୁଲି ଉଠିଲାଣି ବ୍ୟଥାଭରା ମୁଖ
ଝରିଯିବ ଏବେ ଝର ଝରେ
ଦିଅନା ଦିଅନା ତା'ରେ ପରାଭବ
ବିଧୁରା ପରାଣେ ଲାଗିଲେ ଆଘାତ
ଦୀର୍ଘଦିନର ସାଇତା କୋହ ଯେ
ଝରିଯିବ ଅକାତରେ,
ସାଦରେ ଆକର୍ଷି ଅଭିମାନୀ ପ୍ରିୟା
ନିଅଗୋ ଉତାରି ବୁକୁଭରା ପ୍ରୀତି ସୁଧା
ମିଳନେ ତୁମରି ନାଚି ଉଠୁ ଧରା,
ନାଚିବ ସାଗର ବକ୍ଷ
ବେଗମତୀ ସାଜେ ମିଳନ ଆଶାରେ
ସରିତ ନମାନି ଦିଗ।
ସନ୍ତର୍ପଣେ ଦେଖ ବହି ଆସିଲାଣି
ସଧୀରେ ପୂବେଇ ବାଆ,
ଝିରି ଝିରି ଝିରି ଝରାଏ ମୁକୁତା
ମେଘ ଡେଣାଧାରୁ ସରାଗେ
ସୋହାଗି ପ୍ରିୟା --
ରୋଷ ତେଜି ବନ୍ଧୁ କର ଅଙ୍ଗୀକାର
ତା' ସୁରତ ଉପହାର,
ପ୍ରତୀକ୍ଷାର ବନ୍ଧେ ନିୟତ ପୀଡ଼ିତ
ପ୍ରେୟସୀରେ କର ଗଳାହାର।
ନବ କିଶଳୟେ ଝୁଲନ୍ତ ତୁମରି
ଲତାର ଲାବଣ୍ୟ
ହିମ ହିଲ୍ଲୋଳେ ଚାଳିତ ତୁମରି
ନବୀନ କୁସୁମ
ମୋହକ ଆବେଶେ ଅଙ୍ଗ ଅଙ୍ଗ ତବ
ତା' ପରଶ ଜାଣି ପୁଲକ ଛୁଟାଇ
ଧୀରେ ଧୀରେ ଏବେ ଝୁମି ଉଠିଲେଣି
ରାଶିରାଶି ଏଇ ଝରା ମାଳତୀର
ମୃଦୁ ମଧୁ ଗନ୍ଧେ ପ୍ରଣୟ ପୀୟୂଷ ଝରେ,
ଦୂରେ ବଂଶ ବନେ ମାରୁତି ଲୀଳାର
ମଧୁ ସରଗମେ
ଶୃଙ୍ଗାର ସୁଧା ଝରେ।
ତେଜି ଦ୍ୱିଧା ସୌମ୍ୟ!
ନତ ଗ୍ରୀବା ତା'ରେ
ବନ୍ଦିନୀ କର ଜଟିଳ ଆଶ୍ଲେଷେ
ଦ୍ରୋଣାବର୍ତ୍ତେ ଏବେ
ଶୁଭ କମ୍ବୁ ଶୁଭେ
ସୃଜନର କେଉଁ ଶାଶ୍ୱତ ଅଭିଳାଷେ
ବନ୍ଦିନୀ ହେଉ ମୌସୁମୀ ବାଳା
ନିବିଡ଼େ ଶ୍ରାବଣୀ ଆଶ୍ଲେଷେ,
ସୃଜନର ସେହି ଶାଶ୍ୱତ ଅଭିଳାଷେ।

**ଗୁରୁଜଙ୍ଗ, ଖୋରଧା**

# ମାନସୀ କନ୍ୟା ମୌସୁମୀ

**ବୀଣାପାଣି ଦେବୀ**

ଧରିତ୍ରୀ ମାଆର ମାନସୀ କନ୍ୟା
ମଉସୁମୀ ତା'ର ନାଆଁ
ପରଷ ତା'ର ସ୍ନିଗ୍ଧ ଶିତଳ
ଶୀତଳ ତା' ମିଠା ଛୁଆଁ
ନିଦାଘେ ତା' ପିତା ପୃଥିବୀର ବକ୍ଷ
ପ୍ରତୀକ୍ଷାରେ ଥିଲା ଚାହିଁ
ଆଦ୍ୟ ଆଷାଢ଼ର ପହିଲି ପରଷ
ଦେବାକୁ ଆସେ ଓହ୍ଲାଇ
ରିମ୍ ଝିମ୍ ସୁରେ ଆସଇ ମୌସୁମୀ
ଶୁଭଇ ମେଘ ମହ୍ଲାର
ଚପଳା ଚମକେ ଚତୁର୍ଦ୍ଦିଗ ଘଟେ
କଳା ମେଘର ଚାଦର
ତୃଷିତ ଚାତକ ତୃଷ୍ଣା ମେଣ୍ଟିଗଲା
ଆକାଶୁ ଝରିଲା ନୀର
ଅମ୍ବରେ ଡମ୍ବରୁ ବଜ୍ର ଘୋଷ କରି
ନିଠେଇ ମାରିଲା ଶର

ଶୀତଳ ପବନ ପରାଏ ଚନ୍ଦନ
ଲେପିଦେଲା ଶରୀରରେ
ଏ କାଳେ ଆନନ୍ଦେ କଳାପକୁ ଟେକି
ଶିଖି ବନେ ନୃତ୍ୟ କରେ
ତପ୍ତ ଧରାପୃଷ୍ଠ ତପତ ପାଦପ
ସଭିଏଁ ଲଭିଲେ ତୃପ୍ତି
ନିଦାଘ ହଟିଲା ବନ ଉପବନେ
ଫୁଟିଲା ମଲ୍ଲୀ ମାଳତୀ
ମେଘ ପାଲିଙ୍କିରେ ମଉସୁମୀ ରାଣୀ
ମଥାରେ ଓଢ଼ଣି ଦେଇ
କଳା ମେଘ କୋଳେ ବିଜୁଳିର ଶୋଭା
ଅପରୂପ ଲାସ୍ୟମୟୀ
ମାତାର ବେଦନା ବୁଝେ ସିନା କନ୍ୟା
ଦରଦ ଭରି ହୃଦରେ
ଧାରା ବରଷାରେ ଭିଜାଇ ଦେବାକୁ
ଆସେ ମୌସୁମୀ ରୂପରେ

**ବାଣପୁର, ଖୋର୍ଦ୍ଧା**



# ବର୍ଷା

**ସୂର୍ଯ୍ୟକାନ୍ତି ଦାଶ**

ନିୟତି ନିୟମ    କେ କରିବ ଆନ
ଏତ ପ୍ରକୃତିର ଦାନ
ଋତୁଚକ୍ର ଆସେ   ଗୋଟିକ ପରେ ସେ
ଗୋଟିଏର ଆଗମନ।
ନିଦାଘର ଶେଷେ    ବରଷା ପ୍ରବେଶେ
ଧରା ନବ କଳେବର
ଚତୁର୍ଦ୍ଦିଗ ହସେ    ଶାଗୁଆମୟ ସେ
ଆହା ଦିଶେ କି ସୁନ୍ଦର !
ନଭେ କଳାମେଘ ଯେବେ ମାଡ଼ିଆସେ
ଚାଷୀଏ ଆନନ୍ଦେ ମିଳି
ଧାନ କ୍ଷେତେ ବୁଣେ    ନୂଆକିସମର
ବିହନ ଭଳିକି ଭଳି।
ସାଧବବୋହୂଟି    ଆନନ୍ଦ ମନରେ
ଦୁର୍ବାଦଳେ ଯାଏ ଚଳି
ଘଡ଼ଘଡ଼ି ଶବ୍ଦ    ଚମକାଏ ଧରା
ତା' ସାଥେ ଥାଏ ବିଜୁଳି।

ଛାଡ଼ଇ ମଣ୍ଡୁକ    ଘନଘନ ଡାକ
ବୁଲି ଖାଉଥାଏ ପୋକ
ଉଡ଼େ ଝଡ଼ିପୋକ ଦେଖିଲେ ଆଲୋକ
ଜୀବନ କେଡ଼େ କ୍ଷଣିକ।
ଗଙ୍ଗଶିଉଳିଟି    ଆଖିକୁ ତରାଟି
ଧରାରେ ପଡ଼ଇ ଲୋଟି
ଟଗର ମଲ୍ଲୀଟି    ହସେ ପଡ଼େ ଫାଟି
ଦୋଳାଇ ତାହାର କଟି।
ବର୍ଷାକୁ ଅନାଇ    ଚାତକ ପକ୍ଷୀଟି
ଜଳ ଆର୍ତ୍ତନାଦେ ମାଗେ
ବିରହୀ ମନରେ   ଦେଖି ବର୍ଷା ଶୋଭା
ସଦା ପ୍ରେମଭାବ ଜାଗେ।
ପଶୁ ପକ୍ଷୀ କୀଟ    ବର୍ଷା ଅବଗାହେ
ଭ୍ରମନ୍ତି ହୋଇ ଉଲ୍ଲାସ
ତେଲୁଣୀ ଗେଣ୍ଡାର   ବଂଶବୃଦ୍ଧି ପାଇଁ
ଧାରା ଶିରାବଣ ମାସ।
ଜୀମୂତବାହାନ   ଦେଖି ବର୍ଷାଶୋଭା
ଡେଣାଟେକି ନୃତ୍ୟେ ମଗ୍ନ
ମୁନିଋଷି ଗଣ    ନିଘଞ୍ଚେ ତପସ୍ୟା
ବେଳେ ବେଳେ ହୁଏ ଭଗ୍ନ।

କଖାରୁ କାକୁଡ଼ି ଜହ୍ନି ଲୋଟେ ଭାଡ଼ି
ଫୁଲଫୁଟି ଯାଏ ମାଡ଼ି
ପଲ୍ଲବୀତ ବାଡ଼ି    ଝିଙ୍କାରିର ରଡ଼ି
ବୃକ୍ଷ ଡାଳେ ଉଡ଼ିଉଡ଼ି।
ନଦୀ ଯାଏ ବଢ଼ି    କୂଳ ଯାଏ ବୁଡ଼ି
ଦିଶେ ପୁଷ୍କରିଣୀ ବଡ଼
ଛାତି ଧଡ଼ଧଡ଼    ପକ୍ଷୀ ଛାଡି ନୀଡ଼
ବାସହୀନ ହଡ଼ବଡ଼।
ଏକି ବିପରୀତ    କାଳ ହୁଏ ସତ
ବହୁଜନଙ୍କର ମତ
ଦୂରରୁ ସୂଚୀତ    ହୁଏ ପରବତ
ସେତ କରେ ମଥାନତ।
ଜଳହୀନ ଘନ    ବିପରୀତ ଦିନ
ସମୟ ବଡ଼ ଗହନ
କାହିଁ ତା'ର ଦାନ  ତଡ଼ିତ ପ୍ରଦାନ
ଜଗନ୍ନାଥ ରଖ ମାନ।

**ଓଗାଳପଡା, ଯାଆଁଳା, ଖୋର୍ଦ୍ଧା**

# ଶ୍ରାବଣୀ

ମନୋରମା ମହାନ୍ତି (ପଢ଼ିଆରୀ)

ନିର୍ମଳ ଆକାଶେ ନାଚି ନାଚି ଆସେ
ଇନ୍ଦ୍ରଧନୁ ପାଟ ଟାଣି
ଧରଣୀ ଉତ୍ତାପେ ତରୁଗୁଳ୍ମ ଭାଷେ
ତୁମି ଯାଏ ଯେ ଶ୍ରାବଣୀ !!
ଗିରି ରାଜ ବାହୁ ବନ୍ଧନରେ ରହି
ନୃତ୍ୟ କରେ ନାନା ଢଙ୍ଗେ
କୀଟ ପତଙ୍ଗ ଯେ ଜଳ ସ୍ଥଳ ଜୀବ
ଉଲ୍ଲସିତ ହୋ'ନ୍ତି ବେଙ୍ଗେ !!
ଶ୍ରାବଣୀ ଗୋ ତୁମେ ଝୁମି ଝୁମି ଆସ
ପୃଥ୍ୱୀର ବକ୍ଷ୍ୟ ଯେ  ଭେଦି
ତୁମ ଆଲିଙ୍ଗନେ ଧରା ହୁଏ ମୋତି
ସବୁଜିମା ଯାଏ ଖେଦି !!
ଶସ୍ୟ ଶ୍ୟାମଳା ହୋଇଯାଏ ଧରା
ଖୁସିର ଲହରୀ ଉଠେ
ଜହ୍ନ ଜୋଛନାରେ କୁମୁଦିନୀ ହସେ
ସରୋବରେ ଯେବେ ଫୁଟେ।।

ଜଗତସିଂହପୁର



# ବର୍ଷା ତୁମେ ହୁଅନ୍ତ କି ମୋ’ ପ୍ରିୟତମା

**ଶକ୍ତି ଦାସ**

ବର୍ଷା ତୁମେ ହୁଅନ୍ତ କି ମୋ' ପ୍ରିୟତମା
ମୁଁ କୁହନ୍ତି ତୁମେ ଖାଲି କାନ୍ଦ
ତୁମ ଲୁହେ ଭରିଯାଉ
ଆମ ଗାଁ ନଈ ଆଉ
ଯେତେ ଖାଲ ଖମା
ବର୍ଷା ତୁମେ ହୁଅନ୍ତ କି ମୋ' ପ୍ରିୟତମା
ତୁମ ବିରହରେ ଦେଖ
ଫାଟି ଅଛି ମାଟି ମାଆ ଛାତି
ଶୁଭୁଅଛି ମରୁଡ଼ିର ସ୍ୱର
ନଗ୍ନତାର ରୂପ ନେଇ
ପ୍ରକୃତି ତ କରୁଅଛି କରୁଣ ଚିତ୍କାର
ଜଗତ କଲ୍ୟାଣ ପାଇଁ
କାନ୍ଦିଲେ ବି ଦୁଃଖ ନାହିଁ
ବର୍ଷା ତୁମେ ଶୀଘ୍ର ଆସ
କାନ୍ଦି ତୁମେ ବାଣ୍ଟ ହସ
ସେଥିପାଇଁ କାନ୍ଦ ତୁମେ ପ୍ରିୟା
ତୁମ ଲୁହେ ଚାରିଆଡ଼େ ଭରିଯାଉ
ଖାଲି ସବୁଜିମା
ବର୍ଷା ତୁମ ହୁଅନ୍ତ କି ମୋ' ପ୍ରିୟତମା....

**ବ୍ରାହ୍ମଣ ଝରିଲୋ,**
**ଫୁଲନଖରା, କଟକ**

# ବର୍ଷା ରାଣୀ

## ବେଣୁଧର ସୂତାର



ମେଘ ମେଦୁର ଏ ଗଗନ ଅଙ୍ଗନେ
ଚମକେ ଚପଳା କାହା ଆଗମନେ
ନିଦାଘ ଯାଇଛି ଫେରି
ଆସିଛି ବରଷା ଏ ମାଟି ମରତେ
ତପନର ତାପ ହରି ।।

ରୌଦ୍ରଯନ୍ତ୍ରଣାକୁ ପଛରେ ପକାଇ
ବରଷା ଆସିଛି ନୂଆ ଆଶାନେଇ
ଅମୃତ ସଲୀଳ ଧାରା
ଅପସରି ଯାଏ ନିରାଶାର ଛାୟା
ପୁଲକିତ ବସୁନ୍ଧରା ।।

ରୋମାଞ୍ଚିତ ଆଜି କଦମ୍ବର ମନ
ଫୁଟିଲେଣି କେତେ ପ୍ରୀତିର ସୁମନ
ମଙ୍ଗଳ ଗୀତିକା ଗାଇ
ଅଙ୍ଗେଅଙ୍ଗେ ଭରା ପ୍ରାଣ ସଞ୍ଜିବନୀ
ମୃତ୍ୟୁରୁ ଅମୃତ ଛୁଇଁ ।।

ବିଧୁରା ମନର ଭିଜାଭିଜା ଆଶା
ଛାଇଲେଉଟାଣି ଗୋଧୂଳିର ଭାଷା
ସ୍ୱପ୍ନମୟ ଆବେଗତା
ପ୍ରୀତି ମୂର୍ଚ୍ଛନାର ମିଠା ସମ୍ମୋହନ
ମୁଗ୍ଧ ଭାବପ୍ରବଣତା ।।

ଆକାଶ ଅଧରେ କାମନାର ହସ
ପ୍ରକୃତି ରଚିବ ମିଳନର ରାସ
ଜ୍ଞାନକୁ ଅଗମ୍ୟ ସିନା
ଧରଣୀ ବୁକୁରେ ପ୍ରୀତିର ମହ୍ଲାର
ସୃଜନର ସମ୍ଭାବନା ।।

ସାଗର ମିଳନେ ବିଭୋର ଅଧୀର
ପୀୟୂଷ ପ୍ଲାବିନୀ ତଟିନୀ ନିର୍ଝର
ମୃଦୁଳ ମଞ୍ଜୁଳ ଧାରା
ଶ୍ୟାମଳ କେଦାରେ କୁସୁମିତ ହସ
ମହୁଲି ମାଦକ ଭରା ।।

ପହିଲି ଆଷାଢ଼ ବରଷାରେ ଭିଜି
ନବ ପଲ୍ଲବିତ ତରୁଲତା ରାଜି
ଆହାକି ସୁନ୍ଦର ଦିଶେ,
ବର୍ଷାଭିଜା ଏଇ ଧୂସର ଧରଣୀ
ନବ ନୀଳିମାରେ ହସେ ।।

ଧରିତ୍ରୀ ଆକାଶ ମିଠା ଅଭିସାର
ପ୍ରେମ ପ୍ରଣୟର ପବିତ୍ର ସ୍ୱାକ୍ଷର
ମମତାର ପ୍ରୀତିଫୁଲ
ପ୍ରକୃତି ମଧୁର ରୂପ ଚମତ୍କାର
ନବ ଯଉବନ ମୂଳ ।।

ମାଟିମଗ୍ନତାର ରଙ୍ଗିନ ଶୃଙ୍ଗାରେ
ଭୂମି ଓ ଭୂମାର ମହା ମିଳନରେ
ଧରଣୀର ଅଭିଳାଷ
ବରଷା ଗୋ ! ତୁମେ ପୂର୍ଣ୍ଣ କରିଅଛ
ଏ ସୃଷ୍ଟିର ମହାବେଶ ।।

ଶୁଣି ବର୍ଷାର ମଙ୍ଗଳର ଧ୍ୱନି
ଶୁକ, ପିକ, ଶାରୀ ହୋଇଲେଣି ତୁନି
ଦର୍ଦ୍ଦୁର ରାବଟି ଶୁଭେ
ରହିରହି ଶୁଭେ ଅଶନି ନିନାଦ
ସୌଦାମିନୀ ଶୋଭେ ନଭେ ।।

କେଶଦୁରାପାଳ କେନ୍ଦୁଝର

# ତୁମେ ଆସିଲ ବୋଲି

**ଅଖିଳେଶ ମହାପାତ୍ର**

ତୁମେ ଆସିଲ ବୋଲି
ଚାରିଆଡେ ସବୁଜିମା
ଶସ୍ୟ ଶ୍ୟାମଳା
ପୃଥିବୀଟା ହସେ ଖିଲିଖିଲି ।

କମିଲା ଉଷ୍ଣତା
ଶାନ୍ତ ହେଲା ଧରା
ଅତିଷ୍ଠ ଜୀବ ଜଗତ
ପାଇଲେ ଆଶରା ।

ତୁମେ ଆସିଲ ବୋଲି
ଉଙ୍କି ମାରେ ଖୁସିର ଲହରୀ
ବସୁନ୍ଧରା ଗୀତ ଗାଏ
ହୃଦୟକୁ ଖୋଲି ।

ସମସ୍ତେ ଆନନ୍ଦ ମନେ
ମାରିଲେ ନିଶ୍ୱାସ
ହଟିଲା ଉତ୍ତାପ
ଜନ୍ମନେଲା ପୁଳାଏ ବିଶ୍ୱାସ ।

ଗୋବିନ୍ଦପୁର,
ବଡବେରଣା, ଖୋର୍ଦ୍ଧା

# କଳାମେଘୀ ପାଟ ପିନ୍ଧି ମେଘଟେ ହୋଇ



ତାରାପ୍ରସାଦ ଜେନା

କଳାମେଘୀ ପାଟ ପିନ୍ଧି ମେଘଟେ ହୋଇ
ବରଷିଯା' ପ୍ରିୟା ମୋ'ର
ଆଷାଢ଼ର ଅଭିସାର.........
ଏଇ ମନ ଆଛା କରି ଭିଜେଇ ଦେଇ
...........କଳାମେଘୀ ପାଟ ପିନ୍ଧି
ମେଘଟେ ହୋଇ ! ୦ !

ନାଚୁଥିବି ମୟୂର ମୁଁ ଚନ୍ଦ୍ରିକା ତୋଳି
ସାରା ଖୁସି ଉଡୁଥିବି ସରାଗ ଦୋଳି
କୁଳୁକୁଳୁ ବୋହୁଥିବ ଆଶାର ନଈ
...........କଳାମେଘୀ ପାଟ ପିନ୍ଧି
ମେଘଟେ ହୋଇ ! ୧ !

ଓଠ ଆହା ରଚୁଥିବ ଜୀବନ ଗୀତ
ଫିକାଫିକା ଆଲୁଅରେ ଅଳପ ଶୀତ
ଅଳସ ଆଖିକୁ ନିଦ ଆସିବ ଛାଇ
...........କଳାମେଘୀ ପାଟ ପିନ୍ଧି
ମେଘଟେ ହୋଇ ! ୨ !

ସପନର ଇନ୍ଦ୍ରଧନୁ ଦିଶିବ ପରୀ
ଲାଜଲାଜ ଓଠ ହସେ ମାନିବ ଭାରି
ସପନଟା ଭାଙ୍ଗି କାଳେ ଉଠିବି ଚେଇଁ
...........କଳାମେଘୀ ପାଟ ପିନ୍ଧି
ମେଘଟେ ହୋଇ ! ୩ !

ରାଜ ରଣପୁର,
ନୟାଗଡ଼

# ବର୍ଷା

## ରତ୍ନପ୍ରଭା ବାଇ

ନୀଳ ଆକାଶର ଉଛୁଳା ପ୍ରେମର ବରଷା ଝରୁଛି ବୋଲି
ଋତୁମତୀ ଧରା ବିଭୋରେ ଦେଇଚି ଦେହର ଦରଜା ଖୋଲି ।
ଇନ୍ଦ୍ରଧନୁର ଇଙ୍ଗିତେ ଆକାଶ ଅନୁରାଗେ ଆନମନା
ସଜଳ ସଂଭୋଗେ ଭିଜାଇ ଧରାକୁ କରିଛି ସବୁଜବର୍ଣ୍ଣା ।

ବହଳ ଅନ୍ଧାରେ ଭସା ବଉଦରେ ଲଗାଇ ବିଜୁଳି ବତୀ
ମିଳନ ରଙ୍ଗରେ ଲେଖୁଚି ଅଙ୍ଗରେ ମହ୍ଲାର ମଧୁଗୀତି ।
ଚଗଲା ପବନ ମତୁଆଲା ମନ ଶୃଙ୍ଖଳାର ସୀମା ଡେଇଁ
ରୂପସୀ ଧରାର ଶାଗୁଆ ଶାଢ଼ିକି ଦେହରୁ ଦିଏ ଖସେଇ ।

ନହୁଲି ନଈର ଯଉବନ ଜଳେ ବୟସ ଅତଡା ଖସେ
କି ଭାବନା ନେଇ କୁଆଁରୀ କଦମ୍ବ କୂଳେ କିରିକିରି ହସେ ।
ଗୁରୁଗୁରୁ ରଙ୍ଗ ହଳଦୀ ଦେହର ଭୁରୁଭୁରୁ ବାସ ବୁଣି
ମହୁଆ ମନକୁ ଭିଡ଼ି ସେ ସେନେହେ ପାଖକୁ ଆଣୁଛି ଟାଣି ।

ବରଷା ରାତିରେ ବିରହୀ ଛାତିରେ ଜଳୁଛି ନିଃସଙ୍ଗ ନିଆଁ
ବିନା ଦୋଷେ ଋତୁ ବଇରୀ ସାଜିଛି ସତରେ କେଜାଣି କିଆଁ ।।

ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ, ଅନୁଗୁଳ

# ବରଷା ପଡ଼ଇ

ଆରାଧନା ଦାଶ



ବରଷା ପଡଇ ଟୁପୁରୁଟାପର
ଧରା ଭିଜିଭିଜି ଯାଏ
ସାରୁବୁଦା ମୂଳେ ବେଙ୍ଗୁଲୀ ନାନୀଟା
ଫୁକୁରୁ ଫୁକୁରୁ ଡିଏଁ ।

ଦାଣ୍ଡ ଘାଟ ସବୁ ପାଣି କାଦୁଅରେ
ହୋଇଥାଏ ସରସର,
ବନ୍ୟା ପାଣି ଆସି ଧୋଇ ଦେଇଯାଏ
ବନ୍ଧ,ବାଡ଼ ଆଉ ଘର।

ଆକାଶ ପ୍ରଦେଶେ ଭାସିଭାସି ଯାଏ
କଳା ବାଦଲର ମାଳ,
ବିଜୁଳି ମାରଇ ରହିରହି ପୁଣି
ଘଡ଼ଘଡ଼ି ହୁଏ କାଳ।

ପବନ ବହଇ ତୁହାକୁ ତୁହା ଲୋ
ଶିତେଇ ଉଠଇ ଦେହ,
ଚାଳ ଛପରରୁ ପଡ଼େ ପାଣି ଧାର
ଗାଁ ଦାଣ୍ଡେ ପାଣି ସୁଅ।

ସେହି ପାଣି ଧାରେ କାଗଜର ନାଆ
ଦିଅନ୍ତି ପିଲେ ଭସାଇ,
ନାଚିନାଚି ଯାଏ ଗାଁ ଦାଣ୍ଡରେ ସେ
ଅସୁମାରୀ ଖୁସି ଦେଇ।

ଚାଷି ବାପୁଡ଼ାର ମନରେ ହରଷ
ବିଲରେ ଦେଖିଲେ ପାଣି,
ଧାନ ରୁଆ ଏବେ ହୋଇବ ସହଜ
ଦେବ କୋଟି ସୁଖ ଆଣି।

ଝଡ଼ିପୋକ ତେଣେ ବାଉଳା ହେଲାଣି
ଛିଣ୍ଡାଇ ତାହାର ପର,
ଚାତକର ତୃଷ୍ଣା ମେଣ୍ଟାଇବା ପାଇଁ
ବର୍ଷା ପଡ଼େ ଝରଝର।

ବରଷାର ଧାର ଆଣେ ଯେତେ ସୁଖ
ଆଣଇ ସେତିକି ଦୁଃଖ,
ଦୁଃଖ ଯଦି ଏହି ଜୀବନେ ନଥାନ୍ତା
ଅନୁଭବନ୍ତା କେ ସୁଖ?

ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ
ପତ୍ତପୁର, କେନ୍ଦ୍ରାପଡା

# ବର୍ଷା ଭାବନା

ବିଭୁପ୍ରସାଦ ମହାପାତ୍ର

**କବି :**

"ଦାରୁଣ ନିଦାଘ କାଳ ସାଜି କୃଷ୍ଣଗର୍ଭ
ଗିଳି ପକାଇଲୁ ଆଗ ଶରତ ହେମନ୍ତ।
ବସନ୍ତ ବାପୁଡା ଆଉ ତିଷ୍ଠି ନପାରିଲା
ସର୍ବଗ୍ରାସୀ ସର୍ବଶୋଷି ସହ ମିଶିଗଲା।
ଜିହ୍ବା ଲହଲହ କରି ଏବେ ଆଗୁସାର
ଗ୍ରାସିବାକୁ ମଙ୍ଗଳକାରୀ ବରଷାକାଳ।"

**ଗ୍ରୀଷ୍ମ :**

"ପରିବେଶ ଅଶାନ୍ତକୁ ମଣିଷ ଅଶାନ୍ତ
ବାରମାସ ଯାକ ରୌଦ୍ର ତେଣୁ ଅନୁଭୂତ।
ସେଥିପାଇଁ ମୁହିଁ କେବେ ଦୋଷୀ ନୁହଇ ତ
ଆମେ ଷଡରତୁ ରହୁ ସୌହାର୍ଦ୍ଧ ସହିତ।
ସର୍ବ ଜନ ପ୍ରିୟ ବର୍ଷା ଏ ସର୍ବ ବିଦିତ
ଅଶାନ୍ତ ମାନବ ଚିତ୍ତ କରଇ ପ୍ରଶାନ୍ତ।
ବିରହୀ ବେଦନା ସଦା କରେ ପ୍ରଶମିତ
କାହା ପାଇଁ ସାଜେ ପୁଣି ସେହି ମେଘଦୂତ।
ସକଳ ରତୁଙ୍କ ସାର ଭାଗବତେ ଭଣି
ଛତ୍ରୁ, ଛତ୍ରୀ, ମହୀ, ମହୀପାଳ ରୂପେ ମଣି।
ଟୁପୁରୁ ଟୁପୁରୁ ମେଘ ଯେବେ ବରଷଇ
କେଶୁର ଗଜୁରି ତେଲିଙ୍ଗି ବାଦ୍ୟ ବାଜଇ।
ବରଷାକୁ ଦେଖି ତେବେ ନାଚଇ ମୟୁର
ଶିଖିପୁଚ୍ଛ ଦେଖିବାକୁ ତା'ର ମନୋହର।
ଗଜା ବଉଦର ଶୋଭା ଅତି ମନଲୋଭା
ସାଧବବୋହୂ ସାଙ୍ଗକୁ ସପ୍ତରଙ୍ଗ ବିଭା।
ଧାରା ଶିରାବଣ ଯଦି ଚାହୁଁଥାଅ ଭବେ
ବୃକ୍ଷ ରୋପଣରେ ରତ ନିଃସଙ୍କୋଚେ ଲବେ।"

ଭୋଗଡା,
ବାଘମାରୀ, ଖୋର୍ଦ୍ଧା

# ବରଷା ଗୋ !

ରୀନାରାଣୀ ମହାନ୍ତି

ବରଷା ଗୋ ତୁମେ
ଶ୍ରାବଣୀ ଓଠରେ
ମୁଗ୍ଧ ମଧୁର ହସ,
ବରଷା ଗୋ ତୁମେ
ପ୍ରୀତି କଦମ୍ବର
ରୋମାଞ୍ଚ ପ୍ରଣୟ ରାସ ।

ଭିଜା ମାଟିଗନ୍ଧେ
ଢାଳି ଦିଅ ତୁମେ
ଶୁଭର ଆଶିଷ ବାରି,
ରଚି ଦେଇ କେତେ
ମିଠା ପ୍ରୀତି ଗୀତ
ଖିଆଲି ରସକୁ ଭରି ।

କଟକ

# ବର୍ଷା ପରି ତମେ

**ହାସ୍ୟମୟୀ ରାଜ୍**



ରିମ୍ ଝିମ୍ ନାଚୁଥିବା ବର୍ଷାକୁ
ଝର୍କା ସେପାଖରେ
ଥରେ ଚାହିଁଦେଲା ପରେ
ତୁମ କବରୀର ବାସ୍ନା
ମୋ' ଚାରିକଡ଼େ ଭରେ
ସ୍ମୃତିର ସୁଗନ୍ଧି ପାଖୁଡା ସବୁ
ଗୋଟିଗୋଟି ଝଡ଼େ
ତୁମ କଥା ମନେପଡ଼େ
ଖୁବ୍ ମନେପଡ଼େ ।।

ମୋ' ହାତ ପାପୁଲିରେ
ଟୋପିଟୋପି ବର୍ଷା ବୁନ୍ଦା
ଧରିବା ନିଶାରେ
ଦୁଇହାତ ପାତି ଦେଲାପରେ
ଭିଜିଯାଏ ଗୋଟାପଣେ ତୁମରି ସ୍ପର୍ଶରେ
ଆଖିରୁ ମୋ' ଟପ୍ ଟାପ୍
ଲୁହବୁନ୍ଦା ଝରେ
ତୁମ କଥା ମନେପଡ଼େ
ଖୁବ୍ ମନେପଡ଼େ ।।

ଚିକମିକ୍ ବିଜୁଳି ଚମକରେ
ଲାଜଲାଜ ହସୁଥିବା
ତୁମ ମୁହଁ ଦିଶେ
ତୁମ ପାଦ ପାଉଁଜିର
ଛମ୍ ଛାମ୍ ଶବ୍ଦ
ମୋତେ ଆନମନା କରେ
ତୁମ କଥା ମନେପଡ଼େ
ଖୁବ୍ ମନେପଡ଼େ ।।

ବର୍ଷା ଆଉ ତୁମେ
ତୁମେ ଆଉ ବର୍ଷା
ଏକାକାର ହେଉଥାଏ
ମୋ' ଭିତରେ
ଆଷାଢ଼ର ପହିଲି ଛୁଆଁରେ
କାହିଁକି ନା
ଠିକ୍ ବର୍ଷା ପରି ତୁମେ ।।

**ଓରାଳି, ହାଟଡିହି, କେନ୍ଦୁଝର**



# ବର୍ଷା

**ସତ୍ୟନାରାୟଣ ମଲ୍ଲିକ**

ବରଷା ଚୁମିଲେ ମାଟିର ଛାତିକୁ
କୋହର କଜଳ ବୋଳି
ଝରା ଶ୍ରାବଣର ଆଖି ପଲକରେ
କଳାମେଘ ଖେଳେ ଦୋଳି ।।

ତୁମରି ଛୁଆଁରେ ଆକାଶ ଦେହରେ
ବିଜୁଳି ଚମକି ଯାଏ
ପାଖୁଡା ଭିଜାଇ ସାତସୁରେ ଫୁଲ
ମଧୁଝରା ଗୀତ ଗାଏ ।।

ଜହ୍ନରାତି ପରି  ତୁମ ଦେହ ଗୋରୀ
ରୂପାର ଜୋଛନା ହାଟ
ନଜର ତୁମର ଲାଗୁଛି ନିଜର
ସପନ ଫୁଲର ବାଟ ।।

ଓଠରୁ ତୁମରି ହସ ଗଲେ ଝରି
ଲୁହ ଟୋପା ଲାଗେ ମିଠା
ମନ ତଳେ ଜମେ ମହଣ ମହଣ
ପହିଲି ପ୍ରେମର ଛିଟା ।।

ଏ ବରଷା ତୁମ ପାଦର ପାଉଁଜି
ଝୁମୁରୁ ଝୁମୁରୁ ବାଜେ
ପାଗଳ ପ୍ରେମିକ ପୁଅର ଆଖିରୁ
ଲକ୍ଷେ ରାତି ନିଦ ହଜେ ।।

ତୁରିନ୍ତିରା
ବାଲିପାଟଣା, ଖୋର୍ଦ୍ଧା

# ବର୍ଷା

ଶୁଭଶ୍ରୀ ରାଉତ

ଭାରି ମନେପଡ ତମେ
ଏଇ ବର୍ଷାଦିନେ
ତମ ମିଛ କବିତାର ଧାଡ଼ିମାନେ
ଇସାରା ଦିଅନ୍ତି
ତୁମ ପାଖାପାଖି ହବାକୁ ।

କଳାମେଘର କରାଳ ରଡ଼ିରେ
ଆଶ୍ରୟ ଦିଅ ମତେ
ତମ ପ୍ରଶସ୍ତ ବାହୁତଳେ
ଦୁଇଟି ହୃଦୟ
ଏକ ହୋଇଯାଆନ୍ତି ପରମ ତୃପ୍ତିରେ
ଖୋଜି ବୁଲନ୍ତି
ନୀଡ଼ ଗଢିବାର ସାମାନ୍
ଭରସା, ପ୍ରତିଶ୍ରୁତି
ଓ ଅନାବିଳ ପ୍ରେମର ନିଅଁ ଉପରେ
ଗଢ଼ିତୋଳନ୍ତି ପ୍ରେମର ତାଜମହଲ ।

ବର୍ଷାର ମୁହୂର୍ତ୍ତ ଅସ୍ତମିତ ହବାପରେ
ରହିଯାଏ ଖାଲି ଦାଗ ।

କେଜାଣି କାହିଁକି
ଭରସା ଓ ବିଶ୍ୱାସର ସେହି ମହଲଟି
ଭୁସୁଡିଯାଏ ପରେପରେ ।

ବର୍ଷା ଦିନ
ଛାତି ତଳର ନିଆଁକୁ
ଝୁଣା ଫିଙ୍ଗିବାର ଋତୁ ।

ଆରେ ଦାଗ କ'ଣ ଦେଖୁଛ
ଦାଗ ତ ସବୁଠି ଥାଏ
ସୂର୍ଯ୍ୟାସ୍ତ ପରେ ଆକାଶରେ
ବର୍ଷା ପରେ ମାଟିରେ
ବିରହରେ ହୃଦୟରେ
ଆଉ
ସମ୍ଭୋଗ ପରେ କ୍ଷତରେ....

ଦାଗ ରହିଥାଏ
ସେମିତି ସେଇଠି ସବୁଦିନ
ବର୍ଷା ଆସିଲେ ନୟାନ୍ତ ହେଇ
ଖୋଜୁଥାଏ ଦାଗ
ରମଣରୁ ମରଣ ଯାଏଁ ।

ବର୍ଷାରେ ଭାରି କଷ୍ଟ ଭୋଗେ
ତଥାପି କୋଉଠୁ ଶୁଭେନି
ତମେ ଆସୁଥିବାର ଶୁନଶାନ୍ ଶବ୍ଦ ।

ଅମରାବତୀପୁର
ଚାରିବାଟିଆ, କଟକ

# ଶ୍ରାବଣେ ଭିଜୁନି ଭୂଇଁ

ବାସନ୍ତୀ ଦେଈ



ଧାରା ଶିରାବଣ ଧରାରୁ ଏସନ
ଅପସରି ଗଲା କାହିଁ
ନିୟତି ନିୟମ ବଦଳି ଗଲାଣି
ଖରା ମାରେ ଚାଇଁ ଚାଇଁ ।୧।
ମନୁଷ୍ୟ ସହିତେ ପଶୁପକ୍ଷୀଗଣ
ଆତୁରେ ଅଛନ୍ତି ଚାହିଁ
ଉତପ୍ତ ପ୍ରାଣରେ ତୃପ୍ତ ଲଭିବାକୁ
ଜଳ ଟୋପେ ମିଳୁ ନାହିଁ ।୨।
ପୁଚ୍ଛ ଟେକି ଶିଖୀ ନାଚୁନି ପ୍ରାନ୍ତରେ
ଭାସେନି ଜଳଦ ମାଳା
ବେଙ୍ଗୁଲୀ ରାଣୀର ହୁଳହୁଳି ସ୍ୱନ
ସପନ ପରାଏ ହେଲା ।୩।
ମେଘର ଡମ୍ବରୁ ବାଦ୍ୟେ ସୌଦାମିନୀ
ଚମକ ତ ଦିଶୁନାହିଁ
ଶ୍ରାବଣୀ ନାୟିକା ନବବଧୂ ବେଶେ
ସଜେଇ ହେଉନି କାହିଁ ।୪।
ଚାଷ ଜମି ସବୁ ଫାଟି ତ ଗଲାଣି
ମଥା କୋଡ଼େ ଚଷା ପୁଅ
କେମିତି କା'ତୁଣ୍ଡେ ଆହାର ଦେବ ସେ
ନିଜେ ସିଏ ନିରୁପାୟ ।୫।
ସ୍ୱାର୍ଥାନ୍ଧ ମନୁଷ୍ୟ ପରିବେଶ ଚିନ୍ତା
ନିମିଷେ କରଇ ନାହିଁ
ମୌସୁମୀ ରାଣୀ ଖେଳେ ଲୁଚକାଳି
ଶ୍ରାବଣେ ଭିଜୁନି ଭୂଇଁ ।୬।

ଖୋର୍ଦ୍ଧା

# ଶ୍ରାବଣର ଅନ୍ତଃସ୍ୱର



**ଯମେଶ୍ୱର କହଲସିଂହ**

ଧାରା ଶିରାବଣ
ଧରାକୁ ଛୁଇଁଲେ
ପୁଲକିତ ତନୁମନ,
ବରଷା ରାଣୀର
ଖୋଲା କବରୀରେ
ହାଇ ମାରେ ଯଉବନ ।। ୦ ।।

ମେଘ ମଉସୂମୀ
ନାଗରା ବଜେଇ
ଆସିଲେ ବରଷା ରାତି
ବେଶୀ ମନେପଡ଼େ
ବାସର ରାତିର
ସ୍ମୃତିଭିଜା ଅନୁଭୂତି,
ଆଜି ଶ୍ରାବଣର
ଲୁଚକାଳି ଖେଳ
ଜଳ ବିନା ରଙ୍ଗହୀନ .....।। ୧।।

ବରଷା ବାଢ଼ୁଅ-
ପାଣିରେ ଏଥର
ବତୁରିଯାଉନି ମାଟି
ଆଶା ଆଶଙ୍କାର
ଛାଇ- ଆଲୁଅରେ
ଚାଷୀ ଛାତି ଯାଏ ଫାଟି,
ଧାରା ଶ୍ରାବଣରେ
ବଇଶାଖ ତାତି
ଜାଳିଦିଏ ମନ ବନ ।। ୨ ।।

ଦୁଃଖ-ବେଦନାର
ବେଳାଭୂମି ପରେ
ଶ୍ରାବଣ ଆଖିରେ ଲୁହ
ଅସରା ଦୁଃଖର
ପସରା ଭିତରେ
ଛାତିତଳୁ ଉଠେ କୋହ,
ମୁଁ ଚାହୁଁଛି ଆଜି
ଦେଖିବାକୁ ତୁମ
ଭିନ୍ନ ରୂପେ ତନୁମନ ।। ୩ ।।

ଲୋକିପୁର,ଗଡ଼ମାଣତୀର
ଖୋର୍ଦ୍ଧା

# ଦି'ପଦ ବର୍ଷା କବିତା

**ନିଶିକାନ୍ତ କହଲସିଂହ**



-- : ଏକ : --

କୁନ୍ତଳ ଖେଳାଇ
ଗୋଇଠି ନଚାଇ
ଆସ ଗୋ ଆଷାଢ଼ୀ କନ୍ୟା,
ଦେଖିଯାଅ ମୋ'ର
ପ୍ରିୟା ଯଉବନ-
ନଈରେ ରୂପର ବନ୍ୟା ।।

-- : ଦୁଇ : --

ଶ୍ରାବଣୀ ତନୁକୁ
ଭିଜାଇଦିଅ ଗୋ
ଶ୍ରାବଣ ତା' ପରେ ଝରି,
ତୁମରି ପ୍ରେମରେ
ତା' ମନ ମୟୂରୀ
ନାଚିଉଠୁ ଥିରିଥିରି ।।

ଲୋକିପୁର,ଗଡ଼ମାଣତୀର
ଖୋର୍ଦ୍ଧା

# ପହିଲି ବର୍ଷାର କୋମଳ ସ୍ପର୍ଶ



ତ୍ରିଲୋଚନ ଦାସ

ପହିଲି ବରଷା କଅଁଳ ପରଶେ
ମହକେ ଧରଣୀ ରାଣୀ
ସବୁ ଅଭିମାନ ଧୋଇ ଦେଇ କହେ
ଭିଜାମାଟିର କାହାଣୀ।୦।

ମେଘ ମେଦୁରିତ ଆଷାଢ଼ ଆକାଶେ
ଚପଳା ଲେଖୁଛି ଗୀତ
ଖୁସିରେ ଗଜଲ ଗାଉଛି ଧରିତ୍ରୀ
ପିନ୍ଧିଛି ସବୁଜ ପାଟ
ମାଟି ମହକରେ ହସେ ଚଷା ପୁଅ
କ୍ଷେତରେ ବିହନ ବୁଣି
ପହିଲି ବରଷା କଅଁଳ ପରଶେ
ମହକେ ଧରଣୀ ରାଣୀ।୧।

ଲାଲ୍ ଟୁକୁଟୁକୁ ସାଧବ ବୋହୂଟି
ପ୍ରେମର ନଅର ତୋଳେ
ରହିରହି ଲେଖେ ମେଘର ସାଏରୀ
ସ୍ପନ୍ଦିତ ଛାତି ତଳେ
ମୁଗ୍ଧ ଆବେଗରେ ଭିଜିଯାଏ ମନ
କେବେ ହଜିଯାଏ ପୁଣି
ପହିଲି ବରଷା କଅଁଳ ପରଶେ
ମହକେ ଧରଣୀ ରାଣୀ।୨।

ମୈତ୍ରୀବିହାର,
ଖୋର୍ଦ୍ଧା



# ବର୍ଷା କାଳ

କୈଳାସ ଚନ୍ଦ୍ର ପାଢ଼ୀ

ରସାକୁ-ସରସା କରାଇ ବରଷା
ଭରସା ସଂଯୋଗ କଲା,
ପ୍ରତି ପ୍ରାଣେ ପ୍ରାଣେ ପୁଲକ-ପ୍ରବାହ
ପ୍ରୀତିଭରେ ଖେଳାଇଲା ।।

ଧୂସର-ବରନା ଧରଣୀ-ଧାରଣ
କଲା ନବ-କଳେବର,
ସବୁଜ-ଶ୍ୟାମଳ ସୁଷମା-ସମ୍ଭାର
ସୃଜିଲାକି ଜଳଧର ।।

ଆକାଶ-ଅଙ୍ଗନେ ଅଭ୍ରଖଣ୍ଡ ମାନ
ଆନନ୍ଦେ କଲେ ବିହାର,
ପ୍ରକୃତିକି ପ୍ରୀତି ପ୍ରଣୟ-ଝଙ୍କାର
ପ୍ରଲୁବ୍ଧେ ଭାବ ବିହ୍ୱଳ ।।

ନବ-ନୀରଦର ନିରୀମଳ ନୀର
ନିଗିଡ଼ି ପଡ଼େ ନଭରୁ,
ଚ଼ପଳା ଚ଼ପଳ ଛନ୍ଦ ତୋଳି ଆହା
ଦିଶଇ କେଡ଼େ ସୁଚାରୁ।।

ନବ-ପଲ୍ଲବିତ ପ୍ରସୂନ-ଶୋଭିତ
ପାଦପ-ବ୍ରତତୀ ମାନ,
ଅନନ୍ୟ ମୁଦ୍ରାରେ ଅନନ୍ତ-ପୟରେ
ଅର୍ପନ୍ତି ଭକ୍ତି-ସୁମନ।।

ବରଷା-ବଧୂର ନୂପୁର-ନିକ୍କଣ
ଶୁଭେ ଛମ୍ ଛମ୍ ଛମ୍,
ଅୟୁତ ଯୁଗର ସପନ ଭରଇ
ନିପୁଣା ନର୍ତ୍ତକୀ ସମ।।

ରଇତ-କଣ୍ଠରୁ ରାଗ-ରାମକେରୀ
ଗୀତର ଝଙ୍କାର ଶୁଭେ,
ଦର୍ଦ୍ଦୁର-ଦର୍ଦ୍ଦୁରୀ ନବ ଉଲ୍ଲାସରେ
ହୁଳହୁଳି ଦ୍ୟନ୍ତି ଦମ୍ଭେ।।

କୁମାରପୁର, ଅନନ୍ତପୁର,
ବାସୁଦେବପୁର, ଭଦ୍ରକ

# ବର୍ଷା

**ଶଶିଭୂଷଣ ରଥ**

ଅହରହ ପୋଷପୋଷ ବିଷ ପିଉଥିବା
ମୂକ ପୃଥିବୀର ଶୋଷ
କ'ଣ ମେଣ୍ଟାଇପାରେ ବର୍ଷା?

ମୂକ ମାଟି ହିଁ ସାକ୍ଷୀ ପ୍ରଥମ ବର୍ଷାର
ତଥାପି ତା'କୁ ବିଷ ପିଆଇ ଚାଲିଛି ମଣିଷ
ନାହିଁ ତା'ର ଅବସୋସ।

ଗ୍ରାସି ସାରିଲେଣି ଅଯୋଗ୍ୟ କାପୁରୁଷମାନେ
ଜଳ ସ୍ଥଳ ଆକାଶ ଭାରାକ୍ରାନ୍ତ ଅକର୍ମରେ
ନଖ ଦାନ୍ତରେ ସେମାନଙ୍କ ପାଶବିକତାର ଦାଗ
ତଥାପି ତୁମେ ତୁମ ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରିଚାଲିଛ।

ତୁମ ଛାଇ ପରା ଶ୍ରାବଣର ମେଘ
ତୁମେ ପରା ଉଦ୍ୟମ ହେବ ବର୍ଷନ୍ତ ରାତିରେ
ସୃଜିବାକୁ ଆଉ ଏକ ନିଶ୍ଚିନ୍ତ ପୃଥିବୀ
ନିଜ ଇଚ୍ଛା ଅନୁସାରେ।

ମୁଁ ଜାଣେ ବର୍ଷବର୍ଷ ଏପରି ବର୍ଷା ହେଉଥିବ
ନା ହେବ ତୁମର ଉଭାସ ନା ଉଦ୍ୟମ
ମେଘ ଡମ୍ବରୁ ବାଜି ଚାଲିଥିବ
ତୁମ ଅନନ୍ତ ଶୟନର ଅନ୍ତ ପର୍ଯ୍ୟନ୍ତ ।

ସୀମିତ ଆକାଶରୁ ସୀମିତ ବର୍ଷାର ଆଡମ୍ବର
କାଳବକ୍ଷକୁ ମନୋରମ କରି ଚାଲିଥିବ
ଭୂଭାଗରେ ଉଦ୍ଭିଦମାନଙ୍କୁ ପୁନଃବିନ୍ୟାସ କରୁଥିବ
ଏବଂ ଋତୁଚକ୍ରକୁ ବାରମ୍ବାର ପ୍ରମାଣ କରୁଥିବ।

ପୃଥିବୀ ଅପେକ୍ଷା କରି ଚାଲିଥାଏ
ନିଦାଘରେ ନିଜ ଛାତିରୁ ଶୂନ୍ୟକୁ ଯାଇଥିବା
ବିନ୍ଦୁଏ ପାଣିର ଘର ଲେଉଟାଣି ବେଳକୁ
ବର୍ଷବର୍ଷ ଚାଲିଥାଏ ଏ ଯାତ୍ରା ଓ ପ୍ରତୀକ୍ଷା।

ତଥାପି ବର୍ଷା ପରେ ମଧୁମୟ ହୋଇଯାଏ ସବୁକିଛି
ମହମହ ମାଟି ଗନ୍ଧ ମିଶିଯାଏ
ମଣିଷର ଦେହ ମାଟିରେ ଆଉ ମନ ଆକାଶରେ
ଶିରା ପ୍ରଶିରା ରକ୍ତକଣିକାର ଜୀବନୀରେ।

କ୍ଷଣକରେ ମଣିଷର ପାଦଚିହ୍ନ ବି ମିଶିଯାଏ ମାଟିରେ
ଭାବିଥିଲି ବର୍ଷା ପଡି ପାଦଚିହ୍ନକୁ ଅଙ୍କୁରୋଦ୍ଗମ ହେବ
ଅସମ୍ଭବ ସମ୍ଭବ ହେବ
ବର୍ଷା କିନ୍ତୁ ସେମିତି କିଛି କରେନା।

ଏ ପୃଥିବୀରେ ମଣିଷ ତିଆରି ପଥର ଖୋଦେଇ
ଦେବତା ଆଉ ସନ୍ଥଙ୍କ ମିଛ ପାଦଚିହ୍ନ ପୂଜା ପାଏ
ସୈକତରେ ସତ ପାଦଚିହ୍ନ ସବୁ
ନିଶ୍ଚିହ୍ନ କରିଦିଏ ବର୍ଷା ସବୁଦିନ ପାଇଁ।

ଆବାହକ,
ଚନ୍ଦ୍ରଶେଖର ରଥ ସ୍ମୃତି ପରିଷଦ

# ଆ'ରେ ବରଷା ଦେ'ରେ ପାଣି

ବନ୍ଦନା ମହାପାତ୍ର

ପ୍ରତୀକ୍ଷା ତୋ' ପାଇଁ ନର, ପଶୁ, ପକ୍ଷୀ
ଚାତକ ପ୍ରାୟେ ଧରଣୀ
ମେଘ ସବାରୀରେ ମରତେ ସ୍ୱାଗତଂ
"ଆ'ରେ ବରଷା ଦେ'ରେ ପାଣି"।।

ଆନନ୍ଦେ ହସିବ ମାଆ ବସୁମତୀ
ହସିବ ପ୍ରକୃତି ରାଣୀ,
ଗିରି, ବନ, ଝର କହୁଛନ୍ତି ଡାକି
ଆ'ରେ ବରଷା ଦେ'ରେ ପାଣି ।।

ସବୁଜ ଶ୍ୟାମଳ ଶସ୍ୟ ତୋ' ପରଶ
ପକାଇ ନୀଳ ଓଢଣୀ
ଫୁଲଫଳ ଭରେ ବନାନୀ ଗାଉଛି
ଆ'ରେ ବରଷା ଦେ'ରେ ପାଣି ।।

ଶିଶୁ ମୂର୍ଚ୍ଛନା କି କାଗଜ ଡ଼ଙ୍ଗାକୁ
ଭସାଇବେ ଦାଣ୍ଡେ ଆଣି
କମଳ ପ୍ରାଣରେ ବୋଲନ୍ତି ନାଚିରେ
ଆ'ରେ ବରଷା ଦେ'ରେ ପାଣି ।।

ଯୌବନ ତରୁଣୀ ପ୍ରିୟା ସାଥେ ପ୍ରିୟ
ଭିଜିବେରେ ଝୁମି ଝୁମି
ରିମ୍ ଝିମ୍ ତାନରେ ହସା ପ୍ରିୟା ମନ
ଆ'ରେ ବରଷା ଦେ'ରେ ପାଣି ।।

ଚାଷୀ ଭାଇ ଚିନ୍ତେ ମୁଣ୍ଡେ ହାତ ଦେଇ
କ୍ଷେତ ରେ ବିହନ ବୁଣି
ହଳ ଲଙ୍ଗଳକୁ ଧରି ଥରି କହେ
ଆ'ରେ ବରଷା ଦେ'ରେ ପାଣି ।।

ଉତପ୍ତ ପୃଥିବୀ ଶୀତଳ ହୋଇବ
କଦମ୍ବ ମନକୁ ଜିଣି
ପୁଚ୍ଛ ଟେକି ଖେକି ନୃତ୍ୟ ରେ ଶୁଣାଏ
ଆ'ରେ ବରଷା ଦେ'ରେ ପାଣି ।।

ଖୁସି ମନେଇବେ ଗାଁଠୁଁ ସହର
ଜାଳି ମେଘର ରୋଷଣି
ସାଧବ ବୋହୁ ଟି ଚାଲି ଘାସେ କହେ
ଆ'ରେ ବରଷା ଦେ'ରେ ପାଣି ।।

ହଜିବେ ତୋ' ସଂଗେ କିଏ କେତେ ରଙ୍ଗେ
ଆଗୋ ମୋ' ମୌସୁମୀ ରାଣୀ
ଶ୍ରାବଣରେ ଶ୍ରାବଣ ତୋତେ ରହିଲା ରାଣ
ଆ'ରେ ବରଷା ଦେ'ରେ ପାଣି ।।

ବ୍ରହ୍ମପୁର

# ବରଷା ରାଣୀ

**ସଞ୍ଜୁକ୍ତା ଚମ୍ପତିରାୟ**

ବରଷାରାଣୀ ଲୋ ବରଷାରାଣୀ
କଳାବାଦଲର ଓଢଣୀ ଟାଣି
ଚିକିମିକି ମୁହଁ ବିଜୁଳିଗାର
ବେଙ୍ଗ ବେଙ୍ଗୁଲୀର ବାହାଘର
ଘଡ଼ଘଡ଼ି ରାଜା ବଜାଏ ବାଜା
ନାନାରଙ୍ଗ ଫୁଲ ହୋଇଛି ସଜା
ମୟୂର ନାଚଇ ଗିରି ଶିଖରେ
ଚାଷୀଭାଇ ନାଚେ ମହା ସୁଖରେ
ସବୁଜ ସୁନ୍ଦର ଏଇ ଧରଣୀ
ସଭିଙ୍କର ମନ ନେଉଛି କିଣି
ଭଉଣୀ ସହିତ ଜଗାବଳିଆ
ବଡ଼ଦାଣ୍ଡେ ପରା ହୁଅନ୍ତି ଠିଆ
ନାଲି ଟୁକୁଟୁକୁ ସାଧବବୋହୂ
ଘାସଗାଲିଚାରେ ଶୋଇଛି ସେହୁ
ବରଷାରାଣୀର ମୁହଁକୁ ଦେଖି
ଏ ସାରା ଦୁନିଆ ହେଉଛି ସୁଖି
ଗ୍ରୀଷମ ଶେଷରେ ବରଷା ଆସେ
ସବୁ ଜୀବ ମନ ଖୁସିରେ ହସେ

ଶିକ୍ଷୟିତ୍ରୀ,
ଭଗବତ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ଜଙ୍କିଆ

# ବର୍ଷା ଝରୁଛି

ବିଶ୍ୱନାଥ କର

ବର୍ଷା ଚାଲିଛି ଯେ ଚାଲିଛି
ଏ ବର୍ଷାର ହୁଏତ ବିରାମ ନାହିଁ
ଏମିତି ବର୍ଷୁଥିବ ଅନନ୍ତକାଳ ପର୍ଯ୍ୟନ୍ତ
ଶତାବ୍ଦୀ ଶତାବ୍ଦୀର ଶେଷ ଆକାଶ ପର୍ଯ୍ୟନ୍ତ।


ଷୋହଳ ବର୍ଷର ଉଡ଼ନ୍ତା ପକ୍ଷୀର ମନ ଆଉ ନାହିଁ ଯେ
ଅଝଟ ରାତି କୋଳରେ ଉଡିବୁଲିବି ପ୍ରଜାପତି ସାଜି
ଆଣ୍ଠୁଛୁଆଁ ଆକାଶୀ ରଙ୍ଗର ଫ୍ରକ୍ ତଳେ
ସଜାଡୁଥିବି ଅମାନିଆଁ ବୟସ
ଅଇନା ଆଗରେ ଅନବରତ ଦେଖୁଥିବି ମୁହଁ
ଝୁଣ୍ଟୁଥିବି ଫଗୁଣର ନିଆଁ।

ବର୍ଷାର ନୃତ୍ୟର ତାଳେ
ଦିନେ ନୂପୁର ପିନ୍ଧୁଥିଲି
ଓଦା ଡେଣାକୁ ଶୁଖାଇ ଦେହର ତାତିରେ
ଶୀତଳ ନିଃଶବ୍ଦତାର ପ୍ରଗଲ୍ଭା ଜୁଆର
ମୋ' କଅଁଳ ହୃଦୟ ତୁଠରେ ଢେଉ ତୋଳୁଥିଲା
ରୋମାଞ୍ଚିତ ସପନ ଦୋଳିରେ।

ମନ ଭିତରେ ଝୁଲୁଥିଲା ବାସଭରା ଫୁଲର ଉଦ୍ୟାନ
ତରଙ୍ଗାୟିତ ବଂଶୀର ସ୍ୱନ
ମୋ' ଦେହରେ ଲଟେଇ ଚୁନାଚୁନା ଫୁଲ
କେତେ ଥର କେଜାଣି ମୋ' ଚାରିପାଖେ
ପ୍ରଦକ୍ଷିଣ କରୁଥିଲା ଯୌବନର ଅରୁନ୍ଧତୀ ତାରା
ମୁଣ୍ଡରେ ବୋହି ଓଦା ପଦ୍ମର ଐଶ୍ୱର୍ଯ୍ୟ ପସରା।

ବର୍ଷା ଝରୁଛି
ମୋ' ଯୌବନର ଶୋଷକୁ ଆକଣ୍ଠ ପିଉଛି ନିଜେ
ସ୍ୱପ୍ନର ଟୁକୁଡ଼ା ମୁହୂର୍ତ୍ତ ପାରା ଛଡ଼ା ଦର୍ପଣ ଛାତିରେ
ବାଉନ ପଟ ତାସର ସେଇ ଚାରୋଟି ରାଜା
ଏବେ ନିର୍ଜନ ଦ୍ୱୀପରେ ଘେରାବନ୍ଦୀ
ମୋ' ବର୍ଣ୍ଣାଢ୍ୟ ଆକାଶ ଛାତିରେ ଭରପୁର ଶୂନ୍ୟତା
ବର୍ଷାର ମାଡ଼ରେ ଆଉ ନାହିଁ ଯେ ଷୋହଳ ବର୍ଷିଆ ମନ
କୃଷ୍ଣଚୂଡ଼ା ମୋତେ ଡାକୁଥିବ ହାତଠାରି
କାହାର ମାୟାବିନୀ ଡାକରେ
ବଦଳୁଥିବ ରାତିର ରଙ୍ଗ ଭଳିକି ଭଳି ।

ସାଇ କଲୋନୀ, ଦେଉଳସାହି,
ତୁଳସୀପୁର, କଟକ



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଇ
ସହଯୋଗୀ ସମ୍ପାଦକ